

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୬୫ ● ୨୪ ଅକ୍ଟୋବର ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-265 ● 24th October 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

# ଧାମରା-ଭିତରକନିକା ମଧ୍ୟରେ ଲ୍ୟାଣ୍ଡଫଲ୍ କରିପାରେ ବାତ୍ୟା 'ଦାନା'

## ୩ ଉପକୂଳଜିଲ୍ଲା ବେଶୀ ପ୍ରଭାବିତ ହେବାର ଆଶଙ୍କା




ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ସ୍ଥଳଭାଗ ଆଡକୁ ମାଡି ଆସୁଛି ଭୀଷଣ ବାତ୍ୟା 'ଦାନା' । ଭିତରକନିକା ଓ ଧାମରାର ନିକଟତର ହେଉଛି 'ଦାନା' । ପାରାଦୀପଠାରୁ ୪୬୦ କିମି ଓ ଧାମରାଠୁ ୪୯୦ କିମି ଦୂରରେ ରହିଛି ବାତ୍ୟା । ଘଣ୍ଟାପ୍ରତି ୧୨କିମି ବେଗରେ ଆଗରୁ ବଢୁଛି ଦାନା । ସେପଟେ ବାତ୍ୟା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ମୁତୟନ ହୋଇଛନ୍ତି । ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ବାତ୍ୟା ଦାନା ପ୍ରଭାବରେ ଉପକୂଳବର୍ତ୍ତୀ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲା ସବୁଠାରୁ ବେଶୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିପରି ସାମୁଦ୍ରିକଜୁଆର ଆସିବା ସହ ପବନ ଘଣ୍ଟାପ୍ରତି ୧୦୦ରୁ ୧୨୦ କିଲୋମିଟର ବେଗରେ ବହିବାର ସମ୍ଭାବନା ରହିଛି। ଏହାଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ଫସଲ ହାନିର ମଧ୍ୟ ଆଶଙ୍କା ଦେଖା ଦେଇଛି। ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପରାମର୍ଶ ଦିଆଯାଇଛି। ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି । ସମୁଦ୍ରକୁ ମତ୍ସ୍ୟଜୀବୀ ନଯିବା ପାଇଁ ବାରଣ କରାଯାଇଛି । ଅନ୍ୟପଟେ ଜଗତସିଂହପୁରରେ ବିଏନଏସର ଧାରା ୧୬୩ ଲାଗୁ କରାଯାଇଛି । ପାରାଦୀପ ବେଳାଭୂମି ସମେତ ନଦୀ ପଠାରେ ଏହି ନିୟମ ଲାଗୁ ହୋଇଛି ।

୨୪ ତାରିଖ ମଧ୍ୟ ରାତିରୁ ୨୫ ତାରିଖ ପାହାନ୍ତି ପ୍ରହର ଭିତରେ ଓଡ଼ିଶାରେ ପ୍ରଳୟ ରଚିବ ବାତ୍ୟା । ତେବେ ଏବେ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇ ସ୍ଥଳଭାଗ ଆଡକୁ ମାଡି ଆସୁଛି । ଲ୍ୟାଣ୍ଡଫଲ ପୂର୍ବରୁ ବାତ୍ୟାର ସମ୍ଭାବ୍ୟ ଗତିପଥ ଜାରି କରିଛି (ପୃଷ୍ଠା ୭ରେ)

## ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ



ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ରାଜ୍ୟବାସୀ କୌଣସି ପରିସ୍ଥିତିରେ ଭୟଭୀତ ବା ଆତଙ୍କିତ ହେବା ଉଚିତ ନୁହେଁ। ଏଥିପାଇଁ ସେମାନଙ୍କୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। 'ୟୁଆର୍ ଇନ୍ ସେଫ୍ ହ୍ୟାଣ୍ଡସ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିପଦ ଟଳିବା ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଓ ସତର୍କ ରୁହନ୍ତୁ (ପୃଷ୍ଠା ୭ରେ)

# 'ସୁଭଦ୍ରା' ଗାଇଡ୍‌ଲାଇନ ସଂଶୋଧନ ସମେତ ୬ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର



ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। କ୍ୟାବିନେଟରେ ସୁଭଦ୍ରା ଯୋଜନାର ସଂଶୋଧନକୁ ମଞ୍ଜୁରୀ ମିଳିଛି। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପୁନଃବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମୁଖ୍ୟ ସଚିବ ମନୋଜ ଆହୁଜା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ସୁଭଦ୍ରା' ଯୋଜନାରେ ସଂଶୋଧନ ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି। ବାଦ୍ ପଡ଼ିଥିବା ୨ ଲକ୍ଷ ୬୭ ହଜାର ଆବେଦନର ସାନି ବିଚାର କରାଯିବ। ଏଯାବତ ମୋଟ୍ ୧ କୋଟି ୨ ଲକ୍ଷ ଆବେଦନ ଆସିଛି। ୬୦ ଲକ୍ଷ ସୁଭଦ୍ରା ହିତାଧିକାରୀ ଟଙ୍କା ପାଇ ସାରିଛନ୍ତି। ବୈଠକରେ ଜିଏସଟି ଆକ୍ଟରେ ସଂଶୋଧନ, ବିଧାନସଭା ଅଧିବେଶନ ନ ଥିବାରୁ ଅଧ୍ୟାଦେଶକୁ ମଞ୍ଜୁରି ମିଳିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୩୧୦୦ ଟଙ୍କା ବୃଦ୍ଧିକୁ ମଞ୍ଜୁରୀ ଦିଆଯାଇଛି। ଏ ନେଇ ୧୭ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏୟାର ସଂଯୋଗୀକରଣ ବଢାଇବାକୁ ନିଷ୍ପତ୍ତି ହୋଇଛି। ଓପିଏସସି ଅଧ୍ୟକ୍ଷ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଖାଦ୍ୟ ଓ ଧାନ ସଂଗ୍ରହ ନୀତି ୨୦୨୪-୨୫କୁ ଅନୁମୋଦନ ମିଳିଛି। ୮୦ ଲକ୍ଷ ମେଟ୍ରିକ ଟନ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ମୁଖ୍ୟ ସଚିବ ଶ୍ରୀ ଆହୁଜା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା 'ଦାନା' ଭୟଙ୍କର ରୂପଧାରଣ କରି ଓଡ଼ିଶା ଅଭିମୁଖେ ମାଡ଼ି ଆସୁଥିବାବେଳେ ବୁଧବାର ପୂର୍ବାହ୍ନରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଏହି ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ନୂଆ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ସମେତ ସୁଭଦ୍ରା ଗାଇଡଲାଇନରେ ସଂଶୋଧନ, 'ସମୃଦ୍ଧ କୃଷକ ଯୋଜନା'ର କାର୍ଯ୍ୟାନ୍ୱୟନ, ଓଡ଼ିଶା ଏୟାର କନେକ୍ଟିଭିଟି ପଲିସି ଓ ଓଡ଼ିଶା ଜିଏସଟି ଆଇନ-୨୦୧୭ରେ ସଂଶୋଧନ ପାଇଁ ଅଧ୍ୟାଦେଶ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ମୋଟ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ (୫୪ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ୨୦୨୪ ନଭେମ୍ବରରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ମେ'-ଜୁନ୍ ମାସରେ ରବିଧାନ ସଂଗ୍ରହ କରାଯିବ । ଖରିଫରେ ୬୬ଲକ୍ଷ ଓ ରବିରେ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । କେବଳ ପଞ୍ଜିକୃତ ଚାଷୀମାନେ ଯଦି ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ସରକାର କ୍ରୟ କରିବେ । ଧାନ କ୍ରୟ (ପୃଷ୍ଠା ୭ରେ)

# ହଟିଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା



ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ବୁଧବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଓ ସମସ୍ତ ସଦସ୍ୟାଙ୍କୁ ତତ୍କାଳ ପ୍ରଭାବରୁ ବରଖାସ୍ତ କରିଛନ୍ତି । ବିଜେଡି ସରକାର ସମୟରେ ମହିଳା ଆୟୋଗରେ ଥଇଥାନ ହୋଇଥିବା ଆଗଧାଡ଼ିର ବିଜେଡି ନେତ୍ରୀମାନେ ନିଜଆଡୁ ଇସ୍ତଫା ନଦେବା ପରେ ରାଜ୍ୟର ବିଜେପି ସରକାର ନିଜ କ୍ଷମତାର ଉପଯୋଗ କରି ସେମାନଙ୍କୁ ବରଖାସ୍ତ କରିଥିବା ଜଣାପଡ଼ିଛି । ଏହାସହିତ ରାଜ୍ୟରେ ମହିଳା (ପୃଷ୍ଠା ୭ରେ)

## ଆକ୍ସନ ମୋଡ୍‌ରେ ରାଜ୍ୟସରକାର

# ଚଳିତ ମାସରେ ୫ ପ୍ରାଇଭେଟ ହସ୍ପିଟାଲ ତାଲିକାରୁ ବାଦ

ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ସମିତି (ସାସ୍)ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ନିଜର କାର୍ଯ୍ୟ ପଦ୍ଧତିକୁ ଅଧିକ ଶାଣିତ ଓ ଲୋକାଭିମୁଖୀ କରିଛି । ଦେୟମୁକ୍ତ ଉଚ୍ଚମାନର ଚିକିତ୍ସା ପ୍ରଦାନ ବିଷୟରେ ସମସ୍ତ ଅଭିଯୋଗ ଏବଂ ଅନିୟମିତତା ଉପରେ ତୁରନ୍ତ ଅନୁସନ୍ଧାନ ସହ ଦୃଢ ପଦକ୍ଷେପ ନିଆଯାଉଛି। ଚଳିତ ମାସରେ ଆଜି ପର୍ଯ୍ୟନ୍ତ ୫ଟି ଘରୋଇ ହସ୍ପିଟାଲକୁ ପଞ୍ଜୀକୃତ ତାଲିକାରୁ ବାଦ ଦିଆଯାଇଛି । ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଗରିବ ଲୋକମାନଙ୍କୁ ସରକାରୀ ଖର୍ଚ୍ଚରେ ଦେୟମୁକ୍ତ ଚିକିତ୍ସା ଯୋଗାଇବା ପାଇଁ ଏହି ହସ୍ପିଟାଲମାନେ ପଞ୍ଜୀକୃତ ହୋଇଥିଲେ । ବାଦ୍ ଦିଆଯାଇଥିବା ହସ୍ପିଟାଲ ମଧ୍ୟରୁ ୪ଟି ଛତିଶଗଡ଼ ଏବଂ ଗୋଟିଏ ଓଡ଼ିଶାର । ଛତିଶଗଡ଼ ରାୟପୁର ସ୍ଥିତ ମିତ୍ତଲ ହସ୍ପିଟାଲ, ବହ୍ନିଆ ହସ୍ପିଟାଲ, ସୋନି ହସ୍ପିଟାଲ ଏବଂ ବାବୁଜୀ ହସ୍ପିଟାଲକୁ ତାଲିକାରୁ ବାଦ୍ ଦିଆଯାଇଛି । ସେହିପରି ଓଡ଼ିଶାର ଦେଓଗଡ ଜିଲ୍ଲା ସ୍ଥିତ ସମଲେଶ୍ୱରୀ ନର୍ସିଂହୋମକୁ ମଧ୍ୟ ବାଦ୍ ଦିଆଯାଇଛି । 'ସାସ୍'ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ଏହି ହସ୍ପିଟାଲ ଗୁଡିକର କେତେକ ଅନିୟମିତତା ଲକ୍ଷ୍ୟକରି ତାହାର ଅନୁସନ୍ଧାନ କରିଥିଲେ । ସବିଶେଷ ଅନୁଧ୍ୟାନରୁ ସରକାରୀ ଡାକ୍ତରଖାନା ନାମରେ ମିଥ୍ୟା ରେଫରାଲ୍ ସ୍ଲିପ୍ ନେଇ ରେଫରାଲ୍ ପ୍ୟାକେଜରେ (ପୃଷ୍ଠା ୭ରେ)

# ସରକାରଙ୍କ ନିର୍ଦ୍ଦେଶକୁ ମୁନାଫାଖୋର ବ୍ୟବସାୟୀଙ୍କ ଫୁ...



ଭୁବନେଶ୍ୱର, ୨୩/୧୦
ନ୍ୟୁଜ ବ୍ୟୁରୋ

ଏବେ ଓଡ଼ିଶାକୁ ବାତ୍ୟା ଭୟ ଘାରିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହେବା ପରେ ଏବେ ଭୀଷଣ ବାତ୍ୟା ରୂପନେଇ ଉପକୂଳ ଓଡ଼ିଶା ମୁହାଁ ହୋଇଛି। ଏଥିପାଇଁ ରାଜ୍ୟବାସୀ ଛାନିଆ ହୋଇପଡିଛନ୍ତି। ଏହାକୁ ଅପୂର୍ବ ସୁଯୋଗ ମନେକରି ମୁନାଫାଖୋର ବ୍ୟବସାୟୀ ଏବେ ବଜାରଦରରେ ନିଆଁ ଲଗାଇବାରେ ଲାଗିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି କଞ୍ଚା ପରିବା ଦର ଆକାଶ ଛୁଆଁ ହୋଇଛି। କାର୍ତ୍ତିକମାସ ଆରମ୍ଭରୁ ଏପରି ଅବସ୍ଥା ଆଗରୁ କେବେ ଦେଖା ଦେଇନଥିଲା। ମଙ୍ଗଳବାର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାତ୍ୟା ପରିପ୍ରେକ୍ଷୀରେ ବ୍ୟବସାୟୀସଂଘ କର୍ମକର୍ତ୍ତାଙ୍କୁ ଡକାଇ ସେମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବର୍ତ୍ତମାନ ପରିସ୍ଥିତିରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ପୃଷ୍ଠା ୭ରେ)

କର କାଟକତା : କୃପୟା ଧ୍ୟାନ ଦିଅନ୍ତୁ



କାଟ କରନ୍ତୁ
ଜମା କରନ୍ତୁ
ଇ-ଫାଇଲ କରନ୍ତୁ
ଜାରି କରନ୍ତୁ

ଏହା ଆପଣଙ୍କ ରାଷ୍ଟ୍ରୀୟ ଓ କର କାଟ କରିବା ବାଲା ଡିଡକ୍ଟି ପ୍ରତି ଦାୟିତ୍ୱ

ଦାୟିତ୍ୱ ପ୍ରମାଣ ସମୟରେ ଟି.ଡି.ଏସ ଅନୁପାଳନ ସୁନିଶ୍ଚିତ କରନ୍ତୁ

ଇ-ଫାଇଲ କରନ୍ତୁ
୩୦ ସେପ୍ଟେମ୍ବର ୨୦୨୪କୁ ଶେଷ ହେଉଥିବା ତ୍ରୈମାସିକି ଟି.ଡି.ଏସ୍ ବିବରଣୀ
୩୧ ଅକ୍ଟୋବର, ୨୦୨୪ ପର୍ଯ୍ୟନ୍ତ ଫାଇଲ କରନ୍ତୁ
ବିଳମ୍ବ ପାଇଁ ବିଳମ୍ବ ଶୁଳ୍କ ୨୦୦/- ପ୍ରତି ଦିନ ତଥା ୧,୦୦,୦୦୦/- ପର୍ଯ୍ୟନ୍ତ ରାଶିରୁ ବଞ୍ଚିବା ପାଇଁ ନିଜ ଟି.ଡି.ଏସ୍ ବିବରଣୀକୁ ଦେୟ ତିଥି ୩୧ ଅକ୍ଟୋବର ୨୦୨୪କୁ ବା ଏହା ପୂର୍ବରୁ ଇ-ଫାଇଲ କରନ୍ତୁ।

ଜାରି କରନ୍ତୁ
୩୦ ସେପ୍ଟେମ୍ବର ୨୦୨୪କୁ ସମାପ୍ତ ତ୍ରୈମାସିକି ନିମନ୍ତେ (ବେତନକୁ ଛାଡ଼ି ଅନ୍ୟ ଆୟ) ଫର୍ମ ୧୬ ଏ
୧୫ ନଭେମ୍ବର, ୨୦୨୪ ପର୍ଯ୍ୟନ୍ତ ଜାରି କରନ୍ତୁ।
ଟି.ଡି.ଏସ ପ୍ରମାଣପତ୍ର ଜାରି କରିବାରେ ବିଳମ୍ବ କଲେ ପ୍ରତ୍ୟେକ ପ୍ରମାଣ ପତ୍ର ନିମନ୍ତେ ପ୍ରତିଦିନ ହିସାବରେ ₹୫୦୦/- ରାଶି ଲାଗୁ ହେବ।

ସାବଧାନ

| କ'ଣ ଆପଣ.... | ଏବେ ଆପଣଙ୍କୁ କରିବାକୁ ହେବ.... |
|---|---|
| ଆୟକର କାଟ କରିଛନ୍ତି ପରନ୍ତୁ ବର୍ତ୍ତମାନ ସୁଦ୍ଧା ଜମା କରିନାହାନ୍ତି ? | କର ତୁରନ୍ତ ଜମା କରନ୍ତୁ। |
| ଟ୍ରେସେସ୍ ପୋର୍ଟାଲରେ ପଞ୍ଜିକରଣ କରିନାହାନ୍ତି ? | https://www.tdscps.gov.inରେ ପଞ୍ଜିକରଣ କରନ୍ତୁ। |
| ପାନ୍/ଚାଲାଣ ତ୍ରୁଟି ସମ୍ବନ୍ଧରେ ସିପିସି (ଟି.ଡି.ଏସ୍)ରେ ସନ୍ଦେଶ/ଇ-ମେଲ ପ୍ରାପ୍ତ କରିଛନ୍ତି ? | କମ ଦେୟରୁ ବଞ୍ଚିବା ନିମନ୍ତେ ୭ ଦିନ ଭିତରେ ଜବାବ ଦିଅନ୍ତୁ। |
| କାଟ କରୁଥିବା ବାଲାର ପାନ୍ ସଂଖ୍ୟା ଠିକ୍ ଅଛି କି ? | ସତ୍ୟତା ଯାଞ୍ଚ କରିବା ପାଇଁ TRACES ପୋର୍ଟାଲରେ ପାନ/ଟେନ୍ ମାଷ୍ଟର ସୁବିଧାର ଉପଯୋଗ କରନ୍ତୁ। |
| କାଟ କରୁଥିବା ବାଲାର କର ଠାରୁ ଅଧିକ କ୍ରେଡିଟ୍ ସୁବିଧା ପ୍ରଦାନ କି ? | ଟି.ଡି.ଏସ ବିବରଣୀରେ ଆପଣଙ୍କ ଟେନ, କାଟ କରିବା ବାଲାର ପାନ୍ ଓ ଦେୟ ଚାଲାଣର ସିଆଇଏନ ଠିକ ଉପାୟରେ ଦରଜ କରନ୍ତୁ। ଯାହା ଦ୍ୱାରା TRACES ପୋର୍ଟାଲରେ ଟି.ଡି.ଏସ ପ୍ରମାଣ ପତ୍ର ଡାଉନ ଲୋଡ୍ କରାଯାଇପାରିବ। (ଏହି ବିବରଣୀ ନ ଦେଲେ ଜରିମାନା ଲାଗୁ ହେବ) |

ଟି.ଡି.ଏସ ପ୍ରମାଣପତ୍ର ଡାଉନଲୋଡ କରନ୍ତୁ :

- ଫର୍ମ ୧୬/୧୬ଏ/୧୬ବି/୧୬ସି/୧୬ଡି, କୁ TRACES ପୋର୍ଟାଲ https://www.tdscpc.gov.in ରେ ଜେନେରେଟ କରିବା ଅନିବାର୍ଯ୍ୟ ଅଟେ (କେବଳ TRACES ପୋର୍ଟାଲରେ ଡାଉନ ଲୋଡ କରାଯାଇଥିବା ଟି.ଡି.ଏସ ପ୍ରମାଣପତ୍ର ହିଁ ବୈଧ)। ଯଦି ଫାଇଲ କରାଯାଇଥିବା ବିବରଣୀରେ ପାନ୍ ଦର୍ଶାଯାଇନି ବା ଭୁଲ ପାନ୍ ଉଲ୍ଲେଖ କରାଯାଇଛି ତେବେ TRACES ପୋର୍ଟାଲରେ ଟି.ଡି.ଏସ ପ୍ରମାଣପତ୍ର ଡାଉନଲୋଡ୍ କରାଯାଇପାରିବ ନାହିଁ।
- ବିନା ପାନ୍ ବାଲା ଅନିବାସୀୟ (Non-residents)ରେ କରାଯାଇଥିବା ଟି.ଡି.ଏସ୍ କାଟ ନିମନ୍ତେ ଟି.ଡି.ଏସ ପ୍ରମାଣପତ୍ର ବଦଳରେ ନେଣ ଦେଣ ଆଧାରିତ ରିପୋର୍ଟ (ଟିବିଆର) ଡାଉନଲୋଡ କରାଯାଇପାରିବ ଓ ଫର୍ମ ନମ୍ବର ୨୭କ୍ୟୁରେ ରିପୋର୍ଟ କରାଯାଇପାରିବ।

ଅଧିକ ଜାଣିବା ପାଇଁ କ୍ୟୁଆର କୋର୍ଡ ସ୍କାନ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ
ଅଧିକ ଜାଣିବା ନିମନ୍ତେ https://www.tdscpc.gov.in, www.incometax.gov.in କୁ ଯାଆନ୍ତୁ

ଅଧିକ ଜାଣିବା ପାଇଁ କ୍ୟୁଆର କୋର୍ଡ ସ୍କାନ କରନ୍ତୁ

@IncomeTaxIndia incometaxindia.official @IncomeTaxIndiaOfficial @incometaxindiaofficial @Income Tax India Official

cbc15401/13/0006/2425





# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଫେଲ୍

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବଜନିତ ସମସ୍ୟା ପାଇଁ ରୋଗୀ ସେବାରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏବେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ମଧ୍ୟ ଦିନକୁ ଦିନ ଅଣାୟତ ହେବାରେ ବସିଛି। ବାହାରକୁ ଚକାଚକ୍ ଦେଖାଯାଉଥିଲେ ବି ଡାକ୍ତରଖାନା ପରିସରରେ କୁଢ଼କୁଢ଼ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ଧରି ପଡ଼ିରହୁଥିବା ଦେଖିବାକୁ ମିଳୁଛି। ହେଲେ ଏଥିପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଡାକ୍ତରଖାନା ଗୁଡିକୁ ରୋଗୀ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ଯୋଗାଇ ଦେଉଛନ୍ତି କୋଟି କୋଟି ଟଙ୍କା। ମାତ୍ର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଅଧିକାରୀଙ୍କ ଅବହେଳା କାରଣରୁ ରୋଗୀଙ୍କୁ ବହୁ ସୁବିଧା ସୁଯୋଗରୁ ବଂଚିତ ହେବା ତଥା ଡାକ୍ତରଖାନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା ଥାଇ ସୁଦ୍ଧା ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବରୁ ବହୁ ସେବାରୁ ଜନସାଧାରଣ ବଞ୍ଚିତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଏବେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପରିସରରେ କୁଢ଼ କୁଢ଼ ଆବର୍ଜନା ଦୀର୍ଘ ଦିନ ଧରି ପଡ଼ିରହିବା ଚିକିତ୍ସାଳୟ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଯୋଡ଼ା, ଝୁମ୍ପୁରା ବ୍ଲକ ସହିତ ମୟୂରଭଞ୍ଜ ଜିଲ୍ଲା ଓ ଝାରଖଣ୍ଡ ରାଜ୍ୟର ହଜାର ହଜାର ଲୋକ ନିର୍ଭର କରି ସେବା ପାଇବା ଆଶାରେ ଆସିଥାନ୍ତି, କିନ୍ତୁ ଏଠାରେ ରୋଗୀ ବହୁ ସୁବିଧାରୁ ବଞ୍ଚିତ ହେବା ଏକ ନିତିଦିନିଆ ଘଟଣା ପାଲଟିଥିବା ବେଳେ ଏବେ ଡାକ୍ତରଖାନା ପରିସରରେ ଦୀର୍ଘ ଦିନ ଧରି ପଡି ରହୁଥିବା ବର୍ଜ୍ୟବସ୍ତୁ ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କିଛି ବର୍ଷ ପୂର୍ବେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପରିଚାଳନା ପାଇଁ ଏହାର ଆବଶ୍ୟକତା ମଧ୍ୟ ରହିଥିଲା। ହେଲେ ନିମ୍ନମାନର କାମ ପାଇଁ ନିର୍ମାଣ ହେବା ଦିନ ଠାରୁ ଏହି କେନ୍ଦ୍ରରେ ତାଲା ଝୁଲୁ ଥିବା ଦେଖିବାକୁ ମିଳୁଥିବା ବେଳେ ବହିଃର୍ବିଭାଗ କଡରେ ଥିବା ଜୈବ ବର୍ଯ୍ୟବସ୍ତୁ ପରିଚାଳନା କକ୍ଷ ସମ୍ମୁଖରେ ତଥା ମା' ଗୃହ ପଛପଟେ ପକାଯାଉଥିବା ଡାକ୍ତରଖାନାର ବର୍ଜ୍ୟବସ୍ତୁ ଗୁଡିକ ଦୀର୍ଘ ଦିନ ଧରି ପଡ଼ିରହି ଦୁର୍ଗନ୍ଧ ହେଉଥିଲେ ମଧ୍ୟ ବର୍ଜ୍ୟବସ୍ତୁ ଉଠାଇବା ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଚିନ୍ତାର କାରଣ ପାଲଟିଛି। ଦୀର୍ଘ ଦିନ ଧରି ବର୍ଜ୍ୟବସ୍ତୁ ପଡି ରହିବା ଫଳରେ ମଶା ମାଛି ବଂଶବୃଦ୍ଧି ପାଇବା ସହିତ ପରିବେଶ ପ୍ରଦୂଷିତ ହୋଇ ବିଭିନ୍ନ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏବେ ରାଜ୍ୟରେ ଡେଙ୍ଗୁ ଭୟ ଲାଗି ରହିଥିବା ବେଳେ ମା' ଗୃହ ନିକଟରେ ବର୍ଜ୍ୟବସ୍ତୁ ପଡି ରହିବା ଦ୍ୱାରା ମା' ଗୃହରେ ରହୁଥିବା ମା'ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦକୁ ଆମନ୍ତ୍ରଣ କରୁଛି। ତେଣୁ ଏଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୧୦ ବର୍ଷରେ ୬ ହଜାରରୁ ଅଧିକ ଯାନ ଦୁର୍ଘଟଣା
## ୩ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ଗତ ୧୦ ବର୍ଷରେ ୬୧୭୩ ଟି ଯାନ ଦୁର୍ଘଟଣା ଘଟିଥିବା ବେଳେ ଦୁର୍ଘଟଣାରେ ୩୦୬୮ ଜଣଙ୍କର ଜୀବନ ଯାଇଥିବାର ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜିଲ୍ଲାରେ ସଡ଼କ ସୁରକ୍ଷା ଓ ଅନ୍ୟାନ୍ୟ ନିରାକରଣ କାର୍ଯ୍ୟକ୍ରମମାନ ଚାଲିଛି, ହେଲେ ଯାନ ଦୁର୍ଘଟଣା କମିବାର ନାଁ ଧରୁନାହିଁ, ବିଶେଷକରି ଯାନ ଚାଳକମାନଙ୍କର ବେପରୁଆ ଯାନ ଚାଳନା ସହିତ ବିଭିନ୍ନ ନିଶା ସେବନ କରି ଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ବୃଦ୍ଧି କରୁଥିବାର ଜଣାପଡିଛି। ଏହା ସହିତ ଏଭଳି ବେପରୁଆ ଯାନ ଚଳାଚଳ ଓ ନିଶା ସେବନ କାରି ଯାନ ଚଳାଚଳ ଉପରେ ବିଭାଗୀୟ ପକ୍ଷରୁ ଧରପଗଡ଼ରେ କୋହଳତା ଯୋଗୁଁ ଜିଲ୍ଲାରେ ଯାନ ଦୁର୍ଘଟଣା ବୃଦ୍ଧି ସହ ତତଜନିତ ଜୀବନ ହାନି ମଧ୍ୟ ବଢିବାରେ ଲାଗିଛି। ମିଳିଥିବା ସୂତ୍ରରୁ ଜଣାପଡିଛି ଯେ, ଗତ ୨୦୨୩ ରୁ ୨୦୧୪ ଏହି ୧୦ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଡ଼କ ପଥରେ ୬୧୭୩ଟି ଯାନ ଦୁର୍ଘଟଣା ଘଟି ଥିବାବେଳେ ଏଥିରେ ଉକ୍ତ ଦଶ ବର୍ଷରେ ୩୦୬୮ ଜଣଙ୍କର ଜୀବନ ଯାନ ଦୁର୍ଘଟଣାରେ ଯାଇଥିବାର ଜଣାପଡିଛି। ଗତ ୨୦୨୩ ମସିହାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୭୫୪ଟି ଯାନ ଦୁର୍ଘଟଣା ଘଟିଥିବା ବେଳେ ୨୦୨୨ରେ ୬୫୯ ଟି ଯାନ ଦୁର୍ଘଟଣା, ୨୦୨୧ରେ ୬୬୧ଟି, ୨୦୨୦ରେ ୬୪୯ଟି, ୨୦୧୯ ରେ ୬୭୪ଟି, ୨୦୧୮ରେ ୬୩୯ଟି, ୨୦୧୭ ରେ ୫୯୨ଟି, ୨୦୧୬ରେ ୫୬୦ଟି, ୨୦୧୫ ରେ ୪୧୮ଟି, ୨୦୧୪ ମସିହାରେ ୫୦୪ଟି ଯାନ ଦୁର୍ଘଟଣା ଘଟିଥିବାର ଜଣାପଡିଛି। ସେହିଭଳି ଯାନ ଦୁର୍ଘଟଣାରେ ବର୍ଷକୁ ୫ ଶହରୁ ୬ ଶହ ପର୍ଯ୍ୟନ୍ତ ବ୍ୟକ୍ତି ଯାନ ଦୁର୍ଘଟଣାରେ ଗୁରୁତର ଆହାତ ହେଉଥିବାର ପ୍ରକାଶ। ଯାନ ଦୁର୍ଘଟଣାକୁ ରୋକିବାକୁ ହେଲେ ବେପରୁଆ ଯାନ ଚାଳନା, ନିଶା ମୁକ୍ତ ଯାନ ଚଳାଚଳ, ରାସ୍ତାର ଉଭୟ ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ, ରାସ୍ତା ପାର୍ଶ୍ୱରୁ ଚୋରା ମଦ ବିକ୍ରି ରୋକିବା, ବିପଦଜନକ ସ୍ଥାନ ମାନଙ୍କରେ ବିପଦ ସଙ୍କେତ ଚିହ୍ନ ଦେବା, ଓ ଦ୍ରୁତ ଗତି ରୋକିବା ଉପରେ ଗୁରୁତ୍ୱ ଦିଆଗଲେ ଯାନ ଦୁର୍ଘଟଣା ଓ ତତଜନିତ ଜୀବନ ହାନି ବହୁଳ ଭାବେ ହ୍ରାସ ପାଇ ପାରନ୍ତା ବୋଲି ବରିଷ୍ଠ ସାମ୍ବାଦିକ ତଥା ସଡ଼କ ସୁରକ୍ଷା କମିଟିର ସଦସ୍ୟ ସୁରଜିତ ତ୍ରିପାଠୀ ମତ ପ୍ରକାଶ କରିଛନ୍ତି।

# ଲୋକମାନଙ୍କ ସମସ୍ୟା ପଚାରି ବୁଝିଲେ ଜିଲ୍ଲାପାଳ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ହଳଦିଆ ପଞ୍ଚାୟତ ଗୃହରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮୦ ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୫୨ ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୨୪ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗଗୁଡିକ ମଧ୍ୟରୁ ସ୍ଥଳ ବିଶେଷରେ ୦୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏପରିକି ଜନ ସଚେତନତା ପାଇଁ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା।

ଏହି ମିଳିତ ଜନଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସାଗରିକା ନାଥ, ଅବକାରୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠି, ପଞ୍ଚାୟତ ସମିତ ସଦସ୍ୟ ସୁକାନ୍ତି ବେହେରା, ଗଡ଼ ହଳଦିଆ ସରପଞ୍ଚ ବନିତା ବେହେରା, ସି ଡ଼ି ଏମ୍‌ଓ ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଖୋର୍ଦ୍ଧା ବିଡିଓ ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ବିଭିନ୍ନ ଷ୍ଟଲ ବୁଲିଥିଲେ ଓ ଲୋକମାନଙ୍କ ସମସ୍ୟା ପଚାରି ବୁଝିଥିଲେ।

# ଆଧାର ଅପ୍‌ଡେଟ୍ କରିପାରୁନାହାନ୍ତି : ଛୁଆଙ୍କୁ ଧରି ଜିଲ୍ଲାପାଳଙ୍କ ଅଫିସ୍‌ରେ ପହଞ୍ଚିଲେ ମହିଳା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



ଆଧାର ଅପ୍‌ଡେଟ୍ କରିପାରୁ ନାହାନ୍ତି। ବାରମ୍ବାର ଜନସେବା କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ। ପରେ କିଛି ଉପାୟ ନପାଇ ମହିଳାମାନେ ପିଲା ଛୁଆଙ୍କୁ ଧରି କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ମହିଳାଙ୍କ ଗୁହାରୀ ଶୁଣିଥିଲେ। ମହିଳାଙ୍କ ସମସ୍ୟା ସମାଧାନ ପାଇଁ ବାଂଶପାଳ ବିଡିଓଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବାଂଶପାଳ ବ୍ଲକଠାରୁ ୪ରୁ ୫ କିମି ଗଲେ ପଡ଼ିବ ସାପକଣ୍ଟା ଗାଁ। ହେଲେ ଦୁଃଖର ବିଷୟ ଏହି ବ୍ଲକ୍ ସଦର ମହକୁମାରେ ଥିବା ପୋଷ୍ଟ ଅଫିସ୍‌ରେ ନାହିଁ ଆଧାର ଅପ୍‌ଡେଟ୍ ବ୍ୟବସ୍ଥା। ତେଣୁ ଗାଁର ଗରିବ ଲୋକମାନେ କିଛି ଉପାୟ ନପାଇ ଜନସେବା କେନ୍ଦ୍ରକୁ ଯାଉଛନ୍ତି। ହେଲେ ସେଠାରେ ମଧ୍ୟ ଆଧାର ଅପ୍‌ଡେଟ୍ ହୋଇପାରୁନି। ଲୋକମାନେ ବାରମ୍ବାର ଜନସେବା କେନ୍ଦ୍ରକୁ ଯାଇ ଅଜଥାରେ ଖର୍ଚ୍ଚାନ୍ତ ହେଉଛନ୍ତି, ହେଲେ ଆଧାର ଅପ୍‌ଡେଟ୍ କରିପାରୁନାହାନ୍ତି। ଏଥିରେ ବେଶୀ ଅସୁବିଧାରେ ପଡୁଛନ୍ତି ଛାତ୍ରଛାତ୍ରୀମାନେ। ସେମାନେ ସ୍କୁଲ ଯାଇପାରୁ ନାହାନ୍ତି। ପାଠ ପଢ଼ାରେ ବ୍ୟାଘାତ ଘଟୁଛି। ସେପଟେ ରାସନ୍ କାର୍ଡରୁ ନାଁ କଟିଲେ ଚାଉଳ ନମିଳିବା ଭୟ ଘାରିଛି।

ସାପକଣ୍ଟା ଗାଁର ମହିଳାମାନେ ନିଜ ପିଲା ଛୁଆଙ୍କୁ ଧରି ୬୦ କିମି ଦୂର ଜିଲ୍ଲା ସଦର ମହକୁମାକୁ ଯାଇଥିଲେ। ସାଙ୍ଗରେ ଚାଉଳ ନେଇ ଯାଇଥିଲେ। ଯଦି ଫେରିବାରେ ବିଳମ୍ବ ହେବ, ତାହାହେଲେ ନେଇଥିବା ଚାଉଳରେ ରାନ୍ଧି ଖାଇବେ। ସିଏ ଯାହା ହେଉନା କାହିଁକି ଆଧାର ଅପ୍‌ଡେଟ୍ ପାଇଁ ଜିଲ୍ଲା ମୁଖ୍ୟ ଡାକଘର ଖୋଲିବା ପୂର୍ବରୁ ସମସ୍ତେ ପହଞ୍ଚି ଯାଇଥିଲେ। ଆଉ ଧାଡ଼ିରେ ଛିଡ଼ା ହୋଇଥିଲେ। ଦୀର୍ଘ ସମୟ ଧରି ଛିଡ଼ା ହେବା ପରେ ଟୋକନ୍ ପାଇଥିଲେ। ହେଲେ ସେହି ଟୋକନ୍ ପୁଣି ଆସନ୍ତା ୫ ତାରିଖକୁ। ପୁଣି କଷ୍ଟକରି ଆସନ୍ତା ୫ ତାରିଖରେ ଆଧାର ଅପ୍‌ଡେଟ୍ ପାଇଁ ମୁଖ୍ୟ ଡାକଘରକୁ ଆସିବାକୁ ପଡ଼ିବ।

ଦୁର୍ଗମ ଗାଁର ଗରିବ ମହିଳାମାନେ ଏକଥା ଶୁଣିବା ପରେ ହାଲତ୍ ଶୁଖି ଯାଇଥିଲା। ଆଧାର ଅପ୍‌ଡେଟ୍ କରିବା ପାଇଁ କାକୁତି ମିନତି କରିଥିଲେ। ହେଲେ ଡାକ ଘର ଅଫିସରମାନେ ନିୟମରେ ବନ୍ଧା ଥିଲେ। ସେମାନେ ବା କରିବେ କ'ଣ? ତେଣୁ ସେମାନେ ଗାଁର ମହିଳାଙ୍କ କଥା କିଛି ଶୁଣିନଥିଲେ। କିଛି ଉପାୟ ନପାଇ ମହିଳାମାନେ ପିଲା ଛୁଆଙ୍କୁ ଧରି ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ହେଲେ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବାରୁ ଉପଜିଲ୍ଲାପାଳ ମହିଳାଙ୍କ ଗୁହାରୀ ଶୁଣିଥିଲେ।

ଗାଁ ଲୋକଙ୍କ ଅଭିଯୋଗ ଶୁଣିବା ପରେ ଉପଜିଲ୍ଲାପାଳ ବାଂଶପାଳ ବିଡିଓଙ୍କ ସହିତ କଥା ହୋଇଥିଲେ। ଗାଁ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଆଧାର ଅପ୍‌ଡେଟ୍ ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ। ଏହା ପରେ ଗାଁକୁ ଫେରିଯିବା ପାଇଁ ଉପଜିଲ୍ଲାପାଳ ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଆଧାର ଅପ୍‌ଡେଟ୍ ହୋଇଯିବ ଭାବି ମହିଳାମାନେ ଘରକୁ ଫେରିଥିବା ଜଣାପଡ଼ିଛି।

# ଅଭିଯୋଗ ଶୁଣାଣି କଲେ ଜିଲ୍ଲାପାଳ ଓ ଏସ୍‌ପି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ପି ଅନ୍ୱେଶା ରେଡ୍ଡୀ ଓ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଗୁଡିକୁ ଯାଞ୍ଚ କରିଥିଲେ। ବିଶେଷ କରି ଏହି ଶିବିରରେ ରାସନ କାର୍ଡ, ଭତ୍ତା, ଆବାସ ଯୋଜନା, ରାଜସ୍ୱ ବିଭାଗ, ଆଇନ ଶୃଙ୍ଖଳା ସମେତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। କେତେକ ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନେକ ଅଭିଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ କାରୀମାନେ ପହଞ୍ଚି ଲମ୍ବା ଧାଡିରେ ରହି ଅଭିଯୋଗ ଗୁଡିକୁ ଦାଖଲ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ, ଉପ-ଜିଲ୍ଲାପାଳ, ଦାୟିତ୍ୱରେ ଥିବା ବିଡିଓ ତଥା ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଶିଳାନ୍ୟାସ ବେଳେ ଗୋଷ୍ଠୀ କନ୍ଦଳରୁ ମାରପିଟ୍ : ୪ ଆହତ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବଡ଼ଦିଆଣ୍ଡି ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ଶୀଳାନ୍ୟାସ ବେଳେ ଗୋଷ୍ଠୀ କନ୍ଦଳରୁ ମାରପିଟ୍ ଭଳି ସ୍ଥିତି ଉପୁଜିଛି। ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଏବଂ ଟେକା ପଥର ମାଡ଼ରେ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ପୋଲିସ ସାମ୍ନାରେ ଦୁଇ ଗୋଷ୍ଠୀ ପିଟିପିଟି ହେବା ସମସ୍ତଙ୍କୁ ଚକିତ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଘଟଣା ଉପରେ ନଜର ରଖିଛି ପୋଲିସ।

# କଳ୍ପନା ଦେବୀ ଜରାନିବାସ ପରିଦର୍ଶନ କଲେ ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଭଦ୍ରକ ସ୍ଥିତ ଦୈସିଂରେ ଥିବା ଜରାନିବାସ ପରିଦର୍ଶନ କରିଥିଲେ। ଜରାନିବାସର ସମସ୍ତ ଅନ୍ତେବାସୀଙ୍କ ସହିତ ବାର୍ତ୍ତାଳାପ କରିବା ସହିତ ଭାବର ଆଦାନପ୍ରଦାନ କରିଥିଲେ। ଏଥିସହିତ ସେମାନଙ୍କର ଅବସ୍ଥା ବିଷୟରେ ପଚାରି ବୁଝିଥିଲେ। ଶ୍ରୀ ରାଉତରାୟ ଜରାନିବାସର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହିତ ଅକ୍ଷମ ବ୍ୟକ୍ତିଙ୍କୁ ଆଶ୍ରା ବାଡ଼ି ଦେଇଥିଲେ। ଜରାନିବାସର ପରିଦର୍ଶନ ସମୟରେ ପରିବେଶ ତଦାରଖ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାୟ ଯଥାସମ୍ଭବ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଭଦ୍ରକ ଡିଏସଏସଓ ବିଜୟ ନାୟକ ଉପସ୍ଥିତ ଥିଲେ। କଳ୍ପନା ଦେବୀ ଜରାନିବାସର ଟ୍ରଷ୍ଟ ବୋର୍ଡର ପ୍ରତିଷ୍ଠାତା ଡାକ୍ତର ହରେକୃଷ୍ଣ ନାୟକ ସହିତ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ରାଉତ, ଅଞ୍ଜନା ମିଶ୍ର, ଶୁଭେନ୍ଦୁ ରାୟମହାପାତ୍ର ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଦେଇଥିଲେ। କଳ୍ପନା ଦେବୀ ଜରାନିବାସ ପ୍ରତିଷ୍ଠା ହେବା ଠାରୁ ଆଜିପର୍ଯ୍ୟନ୍ତ ଅନ୍ତେବାସୀଙ୍କୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ବହନ କରି ସେବା ପ୍ରଦାନ କରି ଆସୁଛି।

# ଅପହରଣକାରୀଙ୍କ କବଳରୁ ଖସି ଜୀବନ ବଞ୍ଚାଇଲେ ଛାତ୍ର

**ପାରାଦୀପ, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥ ୧୫ ନମ୍ବର ପାଖରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସ୍କୁଲ ଛାତ୍ରଙ୍କୁ ମାଡ଼ ମାରି ବଳପୂର୍ବକ ଅପହରଣ କରାଯାଇଥିଲା। ସଂପୃକ୍ତ ଅପହରଣକାରୀମାନେ ଚଣ୍ଡିଖୋଲ ଅଭିମୁଖେ ନେଇ ଯାଉଥିଲେ। ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆଗଡ଼ା ଛକରେ ଏକ ସ୍କର୍ପିଓ ଅଟକି ଥିଲା। ସେହି ସମୟରେ ଛାତ୍ର ଜଣକ ଗୋଇଠା ମାରି ନିଜକୁ ବଞ୍ଚାଇଛନ୍ତି। ପରେ ଜଣେ ବାଇକ୍ ଆରୋହୀଙ୍କ ଜରିଆରେ ଘର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଓ ପୋଲିସ ଯାଇ ଛାତ୍ରକୁ ନେଇ ଫେରିଥିଲେ। ପ୍ରଥମେ ଛାତ୍ରଙ୍କ ଡାକ୍ତରୀ ଚିକିତ୍ସା କରିଥିଲେ। ତା'ପରେ ଛାତ୍ରଙ୍କୁ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଛାତ୍ର ଜଣଙ୍କ ହେଲେ ଆଦିତ୍ୟ ନାଥ (୧୫)। ତାଙ୍କ ଘର ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଉଚ୍ଛବାନନ୍ଦପୁର ଗ୍ରାମରେ। ସେ ପାରାଦୀପ ବଡ଼ପଡ଼ିଆ ପୋର୍ଟ ଡିଏଭି ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ସବୁଦିନ ପରି ସକାଳୁ ସାଇକେଲ ନେଇ ୧୫ନଂ ଛକକୁ ଆସିଥିଲେ। ସେଠାରେ ସ୍କୁଲ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ସ୍କର୍ପିଓ ତାଙ୍କ ପାଖରେ ଅଟକି ଥିଲା। ଜଣେ ମହିଳା ଗାଡ଼ିରୁ ଓହ୍ଲାଇ ଛାତ୍ର ଆଦିତ୍ୟଙ୍କୁ ପାଣି ମାଗିଥିଲେ ପିଇବା ପାଇଁ। ଆଦିତ୍ୟ ସ୍କୁଲ ବ୍ୟାଗ୍‌ରୁ ପାଣି ବୋତଲ କାଢ଼ିବା ମଧ୍ୟରେ ସ୍କର୍ପିଓ ମଧ୍ୟରେ ଥିବା ୪ ଜଣ ଯୁବକ ଛାତ୍ରଙ୍କ ମୁହଁରେ କପଡ଼ା ବାନ୍ଧି ବଳପୂର୍ବକ ଗାଡ଼ିରେ ପୂରାଇ ନେଇ ଯାଇଥିଲେ। ଅପହରଣ କରିଥିବା ଯୁବକମାନେ ମୁହଁରେ କଳା କପଡ଼ା ଘୋଡ଼େଇ ଥିଲେ ବୋଲି ଆଦିତ୍ୟ କହିଛନ୍ତି। ହଳଦିଆଗଡ଼ା ପାଖରେ ଜଣେ ଯୁବକ ଗାଡ଼ିରୁ ଓହ୍ଲେଇବା ସମୟରେ ଛାତ୍ର ଆଦିତ୍ୟ ମହିଳାଙ୍କୁ ଗୋଇଠା ମାରି ରାସ୍ତା ଉପରେ ଦୌଡ଼ି ଥିଲେ। ଏହି ସମୟରେ ଜଣେ ବାଇକ୍ ଆରୋହୀଙ୍କ ସାହାଯ୍ୟରେ ତାଙ୍କ ବାପାଙ୍କୁ ଖବର ଦେଇଥିଲେ। ଛାତ୍ର ବାହାରକୁ ଯିବା ପରେ ସଂପୃକ୍ତ ଗାଡ଼ି କିଛି ସମୟ ସେଠାରେ ଅଟକି ଥିଲା। ଯେମିତି ଲୋକ ରୁଣ୍ଡ ହେଲେ ସେହି ସମୟରେ ଗାଡ଼ିଟି ଚଣ୍ଡିଖୋଲ ଅଭିମୁଖେ ପଳେଇ ଯାଇଥିଲା। ପୋଲିସ ଏନେଇ ତଦନ୍ତ ଚଳାଇଛି।

# ୭୫କେଜି ଗଞ୍ଜେଇ ଜବତ : ଜଣେ ଗିରଫ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**



ମାଲକାନଗିରି ଥାନାସ୍ଥ ପଦ୍ମଗିରି ପଞ୍ଚାୟତ ଛତିଶଗଡ଼ ସୀମାନ୍ତ କୁ ଲାଗିଥିବା ତଣ୍ଡାପାଲି ଗ୍ରାମ ଜଙ୍ଗଲରେ କିଛି ଗଞ୍ଜେଇ ଚୋରା ବେପାରୀ ଛତିଶଗଡ଼କୁ ଚୋରା ଚାଲାଣ ନିମନ୍ତେ ଗଞ୍ଜେଇ ପ୍ୟାକିଙ୍ଗ କରୁଥିବାର ପୁଲିସ ଖବର ପାଇଁ ଗତକାଲି ଚଢ଼ଉ କରି ୭୫କେଜି ଗଞ୍ଜେଇ, ପ୍ରେସ୍ ମେସିନ ଓ ଜ୍ୟାକ୍ ଜବତ କରିବା ସହିତ ଜଣଙ୍କୁ ଗିରଫ କରି ଥିବା ଜଣାପଡିଛି। ସୂଚନା ଅନୁଯାୟୀ ମାଲକାନଗିରି ଥାନାସ୍ଥ ପଦ୍ମଗିରି ପଞ୍ଚାୟତ ଛତିଶଗଡ଼ ସୀମାନ୍ତ କୁ ଲାଗିଥିବା ତଣ୍ଡାପାଲି ଗ୍ରାମ ଜଙ୍ଗଲ ରେ କିଛି ଗଞ୍ଜେଇ ଚୋରା ବେପାରୀ ଛତିଶଗଡ଼କୁ ଚୋରା ଚାଲାଣ ନିମନ୍ତେ ଗଞ୍ଜେଇ ପ୍ୟାକିଙ୍ଗ କରୁଥିବାର ପୁଲିସ ଖବର ପାଇଥଲେ। ମାଲକାନଗିରି ଆଦର୍ଶ ଥାନା ଆଇଆଇସି ରିଗନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବଇନିସ୍‌ପେକ୍ଟର ପ୍ରଭାତ ଗୌଡ଼ଙ୍କ ନେତୃତ୍ୱରେ ହାବିଲଦାର ମିହିରି ସାମଲ, କନେଷ୍ଟବଳ ଲକ୍ଷ୍ମଣ ମାରାଣ୍ଡି, ପଦ୍ମନାୟକ ପ୍ରମୁଖ ପୁଲିସ ସଦଳବଳ ସେ ଜଙ୍ଗଲରେ ପହଁଚ ଚଡାଉ କରିଥିଲେ। ପୁଲିସ କୁ ଦେଖି ଗଞ୍ଜେଇ ଛାଡ଼ିଦେଇ ଦୌଡ଼ି ପଳାଉଥିବା ବେଳେ ଜଣଙ୍କୁ ପୁଲିସ ମାଡିବସିଥିଲା, ଅନ୍ୟ ୭ଜଣ ଘଞ୍ଚ ଜଙ୍ଗଲରେ ଲୁଚିପଳାଇ ଯାଇଥିଲେ। ଘଟଣା ସ୍ଥଳ ରୁ ୭୫ କେଜି ଗଞ୍ଜେଇ, ପ୍ରେସରମେସିନ, ଜ୍ୟାକ ମେସିନ ଜବତ କରିଛନ୍ତି, ମୁରିଆପାଲି ଗ୍ରାମର କୃଷ୍ଣ ମାଡକାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ମାଲକାନଗିରିର ବିଭିନ୍ନ ସ୍କୁଲରେ ଯୋଗଦେଲେ ୪୦୯ ଜଣ ନୂତନ ଶିକ୍ଷକ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ୮୦୩ ଟି ଶିକ୍ଷକ ପଦବୀ ଖାଲିଥିବା ବେଳେ ରାଜ୍ୟସରକାର ୪୮୫ ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ୪୦୯ ନୂତନ ଶିକ୍ଷକ ନିଜ ନିଜ କାର୍ଯ୍ୟରେ ଯୋଗଦେଇଥିବାର ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାରେ ଦୀର୍ଘ ବର୍ଷ ଧରି ୮୦୩ଟି ଶିକ୍ଷକ ପଦବି ଖାଲିଥିବାରୁ ଶିକ୍ଷାଦାନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଥିଲା। ଅଳ୍ପ ଦିନ ତଳେ ରାଜ୍ୟସରକାର ନୂତନ ଶିକ୍ଷକ ପଦବୀ ନିଯୁକ୍ତି ପ୍ରତିକ୍ରିୟା ଆରମ୍ଭ କରିଥିଲେ। ଜିଲ୍ଲାରେ ୮୦୩ ଟି ଖାଲି ପଦବୀ ମଧ୍ୟରୁ ୪୮୫ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦେଲେ। ଏବେ ସୁଦ୍ଧା ୪୦୯ ଜଣ ନୂତନ ଶିକ୍ଷକ ନିଜ ନିଜ ସ୍କୁଲରେ ଯୋଗ ଦେଇଛନ୍ତି। ସେଥିମଧ୍ୟରୁ ମାଲକାନଗିରି ବ୍ଲକ୍‌ରେ ୩୧ଜଣ, କାଲିମେଲା ବ୍ଲକରେ ୬୫ଜଣ, ପଡ଼ିଆ ବ୍ଲକରେ ୨୩ଜଣ, କୋରକୁଣ୍ଡା ବ୍ଲକରେ ୧୦୬ଜଣ, ଚିତ୍ରକୋଣ୍ଡା (କୁଡୁମୁଲୁଗୁମ୍ମା)ବ୍ଲକ ରେ ୬୧ଜଣ, ଖଇରପୁଟ ବ୍ଲକରେ ୩୭ଜଣ, ମାଥିଲି ବ୍ଲକରେ ୮୬ଜଣ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଥିବାର ଜିଲ୍ଲା ଶିକ୍ଷାଅଧିକାରୀ ବିଶ୍ୱନାଥ ସାହୁ ସୂଚନା ଦେଇଛନ୍ତି।

# ପ୍ରେମିକ ସହ ମିଶି ଏସିଡ୍ ପକାଇ ବାପାଙ୍କୁ ମାରି ଦେବାକୁ ଉଦ୍ୟମ କଲେ ଝିଅ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବୁଢ଼ା କୁନ୍ଦେଲ ଗ୍ରାମରେ ମୋହନ ପନ୍ଦର ଓ ତାଙ୍କ ପୁଅ ଅନୁଜଙ୍କୁ ଏସିଡ୍ ମାଡ଼ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମୋହନଙ୍କ ଝିଅ ଓ ତାଙ୍କ ପ୍ରେମିକ ମିଶି ଏଭଳି କାଣ୍ଡ ଘଟାଇଛନ୍ତି। ଗୋଟିଏ ପଟେ ପ୍ରେମରେ ବାଧା, ଅନ୍ୟପଟେ ଗୁଣିଗାରେଡ଼ି ସନ୍ଦେହ ଯୋଗୁ ସେମାନେ ମୋହନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତା ଝିଅ ପୁଷ୍ପାଞ୍ଜଳି ପନ୍ଦର ଓ ତାଙ୍କ ପ୍ରେମିକ ସେହି ଗ୍ରାମର ବିଜୟ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଏସିଡ୍ ମାଡ଼ରେ ଗୁରୁତର ମୋହନ ଓ ତାଙ୍କ ପୁଅ ଅନୁଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି।

ସୂଚନା ଅନୁଯାୟୀ, ପୁଷ୍ପାଞ୍ଜଳିଙ୍କ ମା'ଙ୍କ ମୃତ୍ୟୁ ପରେ ମୋହନ ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ଘରେ ଅଶାନ୍ତି ଲାଗି ରହିବାରୁ ପୁଷ୍ପାଞ୍ଜଳି ଓ ତାଙ୍କ ଭାଇ ଗାଁରେ ଏକ ଅଲଗା ଘରେ ରହୁଥିଲେ। ଇତିମଧ୍ୟରେ ବିଜୟଙ୍କ ସହ ପୁଷ୍ପାଞ୍ଜଳି ପ୍ରେମ ସମ୍ପର୍କ ଗଢ଼ି ଉଠିଥିବାରୁ ମୋହନ ଏହାକୁ ଗ୍ରହଣ କରି ପାରୁ ନ ଥିଲେ। ତେଣୁ ବାପାଝିଅଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ଅପରପକ୍ଷରେ ଅସୁସ୍ଥତାରୁ ଦେଢ଼ମାସ ପୂର୍ବେ ବିଜୟଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ତେବେ ମୋହନ ଗୁଣି ଗାରେଡି କରି ମା'ଙ୍କୁ ମାରିଦେଇ ଥିବା ବିଜୟଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ପୁଷ୍ପାଞ୍ଜଳିଙ୍କ ସହ ମିଶି ମୋହନଙ୍କୁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲେ। ସେମାନେ ଏସିଡ୍ ଫିଙ୍ଗି ମୋହନଙ୍କୁ ଜୀବନରେ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ।

# ପିଲାଙ୍କ ସହିତ ମଧ୍ୟାହ୍ନ ଭୋଜନ ଖାଇଲେ ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ରେ ଅଧିକାଂଶ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇରେ ଅନିୟମିତତା ଓ ନିମ୍ନମାନର ହେଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଧାମନଗର ବ୍ଲକ୍ ସନ୍ନିକଟ ତାଳପଦା ସରକାରୀ ଉପ୍ରା ବିଦ୍ୟାଳୟରେ ଦିନ ଗୋଟେ ବେଳେ ଅଚାନକ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ପହଞ୍ଚିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ବୁଝିବା ସହିତ ମଧ୍ୟାହ୍ନ ଭୋଜନର ମାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପଚାରି ବୁଝିଥିଲେ। ପରେ ପିଲାଙ୍କ ସହିତ ତଳେ ବସି ମଧ୍ୟାହ୍ନ ଭୋଜନ ନିଜେ ଜିଲ୍ଲାପାଳ ଖାଇ ମାନ ଯାଞ୍ଚ କରିଥିଲେ। ତେବେ ସରକାର ମଧ୍ୟାହ୍ନ ଭୋଜନ ପାଇଁ ଦେଉଥିବା ଅର୍ଥ ରୋଷେଇ ପାଇଁ ଯଥେଷ୍ଟ ନୁହଁ। କାରଣ ବଜାର ଦର ଆକାଶ ଛୁଆଁ। ଯଥା ଡାଲି, ପିଆଜ, ତେଲ, ଅଣ୍ଡା ଓ ପରିବା ଦର ହୁ ହୁ ହୋଇ ବଢୁଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନା ଜିଲ୍ଲାପାଳଙ୍କୁ କହିଥିଲେ। ଜିଲ୍ଲାପାଳଙ୍କ ସହିତ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଓ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ଦୀପକ ଦାସ, ବିଡ଼ିଓ ବନ ବିହାରୀ ଦିଣ୍ଡା,ବିଇଓ ଜଗବନ୍ଧୁ ସାହୁ, ଏବିଇଓ ସତ୍ୟ ସୁନ୍ଦର ପରିଡ଼ାମଧ୍ୟ ଉପସ୍ଥିତ ଥିଲେ। ତେବେ ଜିଲ୍ଲାପାଳ ଏପରି ଅଚାନକ ଭାବେ ଅନ୍ୟ ବିଦ୍ୟାଳୟକୁ ଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସଚେତନ ଓ ସଜାଗ ରହିବେ ବୋଲି ଅଭିଭାବକ ମତ ପ୍ରକାଶ କରିଛନ୍ତି।

# କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ଆକାଶଛୁଆଁ
## ୫ଶହ ଟଙ୍କାରେ ବ୍ୟାଗ୍ ପୁରୁନି କିଲେ ଜାଗାରେ ଅଢେଇଶହ ନେଉଛନ୍ତି ଖାଉଟି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

କାର୍ତ୍ତିକ ମାସ ଆରମ୍ଭରୁ ହିଁ ପରିବା ଦର ହୁ ହୁ ହୋଇ ବଢିବାରେ ଲାଗିଛି। ପୁଣ୍ୟ ମାସ ଭାବେ କଥିତ ଏହି ମାସରେ ସଂଖ୍ୟାଧିକ ଘରେ ଆମିଷ ନିଷେଧ। ଏଣୁ ନିରାମିଷ ଖାଦ୍ୟ ପାଇଁ ପନିପରିବା ଉପରେ ଅଧିକ ନିର୍ଭରଶୀଳ ହୋଇ ପଡୁଛନ୍ତି ଲୋକେ। ହେଲେ ଗତ କିଛି ଦିନରେ ପନିପରିବା ଦର ବେଶ୍ ଦର ବୃଦ୍ଧି ପାଇଛି, ଯାହାକୁ ନେଇ ଗ୍ରାହକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଅନ୍ୟ ଉପାୟ ନହୋଇ ଲୋକେ ପୂର୍ବାପେକ୍ଷା କମ୍ ପରିମାଣର ପନିପରିବା ନେଇ କାମ ଚଳାଇବାକୁ ବାଧ ହେଉଛନ୍ତି। ପକେଟରୁ ଅଧିକ ଟଙ୍କା ଯାଉଛି, ମାତ୍ର ବ୍ୟାଗ୍‌ରେ ପରିବା ଭର୍ତ୍ତି ହେଉନି। ଏକଦା ବୀରମହାରାଜପୁର ଅଞ୍ଚଳରୁ ପ୍ରଚୁର ପରିମାଣରେ ପରିବା ଆମଦାନୀ ହୋଇ ସୁବର୍ଣ୍ଣପୁର ଜିଲ୍ଲା ସମେତ ନିକଟବର୍ତ୍ତୀ ଅଞ୍ଚଳକୁ ବହୁଳ ପରିମାଣରେ ପନିପରିବା ରପ୍ତାନି କରାଯାଉଥିଲା କିନ୍ତୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇପଡ଼ିଛି। ଏହା ଛଡ଼ା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଚାଷୀ ବର୍ତ୍ତମାନ ଧାନ ଚାଷ ଓ କପା ଚାଷ କରୁଛନ୍ତି। ଯାହା ଫଳରେ ପରିବା ପାଇଁ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ବଢିବାରେ ଲାଗିଛି ବୋଲି ବ୍ୟବସାୟୀମାନେ ଯୁକ୍ତି ଦର୍ଶାଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ପରିବା ଆମଦାନୀ ପରେ ଦର କମିବ ବୋଲି ବ୍ୟବସାୟୀମାନେ ଆଶା କରିଛନ୍ତି। ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳରୁ ଆମଦାନୀ ହେଉଥିବା ପନିପରିବା ବହୁଳ ପରିମାଣରେ ବାହାର ଅଞ୍ଚଳକୁ ରପ୍ତାନି କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପରିବା ଦର ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ଓଷା ବ୍ରତ ତଥା ପୁଣ୍ୟ ଅର୍ଜନର ମାସ କାର୍ତ୍ତିକରେ ଅଧିକାଂଶ ଘରେ ଆମିଷ ପଶୁନି।



ତେଣୁ ଏହି ମାସରେ ସାଧାରଣତଃ ଆମିଷ ଅପେକ୍ଷା ପନିପରିବାର ଚାହିଦା ବେଶ୍ ଅଧିକ। ଗତ କିଛି ଦିନରେ ପରିବା ଦର ଢେର ଅଧିକ ରହିଥିବାରୁ ଖାଉଟିଙ୍କ ପକେଟକୁ ଢିଲା କରୁଛି ପରିବା ଦର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପରିବା ବଜାରରେ ଆଳୁ ଦର କିଲୋ ପିଛା ୩୫ ଟଙ୍କା ରହିଥିବା ବେଳେ ପିଆଜ ୬୦, ଟମାଟୋ ୬୦ରୁ ୭୦, ଫୁଲକୋବି ୮୦, ବିନ ୧୦୦ ରୁ ୧୨୦, ପୋଟଳ ୬୦, ସାରୁ ୬୦, ଭେଣ୍ଡି ୬୦, ବନ୍ଧାକୋବି ୪୦ଟଙ୍କା, ଦେଶୀ ଆଳୁ ୫୦ ଟଙ୍କା, ବାଇଗଣ ୬୦, ଓ ଜହ୍ନି ୬୦, କଖାରୁ ଓ ଭଣ୍ଡା ୨୫ରୁ ୩୦ ଟଙ୍କା, କଞ୍ଚା ଲଙ୍କା ୧୦୦ ଟଙ୍କା ଦରରେ ବିକ୍ରି ହେଉଛି। କାର୍ତ୍ତିକରେ ହବିଷ୍ୟାଳୀଙ୍କ ରୋଷେଇରେ ବ୍ୟବହୃତ କଞ୍ଚା କଦଳୀ ଗୋଟାକୁ ୧୦ ଟଙ୍କା ରହିଛି। ଏପରିକି ଶାଗ ବିଡ଼ା ୨୦ ଟଙ୍କା ରହିଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ତଳେ ପରିବା ଦର ଯାହା ଥିଲା କାର୍ତ୍ତିକରେ ପ୍ରାୟ ଦୁଇ ଗୁଣା ହୋଇଛି। କାର୍ତ୍ତିକରେ ଆମିଷ ଖିଆ ବନ୍ଦ ଥିବାରୁ ପରିବା ଦର ବାଧୁଛି, ଆବଶ୍ୟକ ଠାରୁ କମ୍ ପରିମାଣରେ ନେଇ କାମ ଚଳାଇବାକୁ ପଡୁଛି ବୋଲି କିଛି ଗ୍ରାହକ କହିଛନ୍ତି। ଗରିବ ପରିବାରର ହାଣ୍ଡିଶାଳରେ ସତେଯେମିତି ବଜ୍ରପ୍ରହାର ପଡ଼ିଛି। ଗୃହିଣୀମାନେ ଏବେ ବଜାରର ପରିବା ଦରକୁ ଦେଖି ତାକୁ ନେଇ ପରିବାର ଚଳାଇବା କାଠିକର ପାଠ। ପରିବା ଦୋକାନରୁ ଅଢ଼େଇଶ ନେଇ କାମ ଚଳାଇବାକୁ ପଡୁଛି। ଏଭଳି ସ୍ଥିତିରେ ଆଗକୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଅକ୍ଟୋବର ୨୦୨୪ ଗୁରୁବାର





## ବାତ୍ୟା 'ଦାନା' ପାଇଁ କଟକ ମାଲ୍‌ଗୋଦାମ୍‌ରୁ ପଠାଗଲା ରିଲିଫ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବୁଧବାର କଟକ ମାଲ୍‌ଗୋଦାମ୍‌ରୁ ରିଲିଫ ପଠାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ହେବାକୁ ଥିବା ୬ଟି ଜିଲ୍ଲା ପାଇଁ ରିଲିଫ୍ ସ୍ୱତନ୍ତ୍ର ଟ୍ରକ୍‌ରେ ଯିବା ଆରମ୍ଭ ହୋଇଛି । ଶୁଖିଲା ଖାଦ୍ୟ ଯେପରି ଚୁଡ଼ା, ଗୁଡ଼, ଚିନି, ମହମବତି ଆଦି ଖାଦ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ମାନଙ୍କ ପାଇଁ ପଠାଯାଉଛି । ସିଏମ୍‌ସି ଯୋଗାଣ ବିଭାଗ ଓ ମାଲ୍‌ଗୋଦାମ୍ ବ୍ୟବସାୟୀ ସଂଘର ଉପସ୍ଥିତିରେ ସମସ୍ତ ଶୁଖିଲା ଖାଦ୍ୟ ପଠାଯାଇଛି । ଯଦି ସରକାରଙ୍କ ନିର୍ଦ୍ଦେଶ ଆସେ ତେବେ ବାତ୍ୟା ଆଶ୍ରୟସ୍ଥଳ ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଯିବ ବୋଲି କହିଛନ୍ତି ସିଏମ୍‌ସି ଯୋଗାଣ ନିରୀକ୍ଷଣ କେଦାରନାଥ ପ୍ରଧାନ । ଅନ୍ୟପଟେ ମାଲ୍‌ଗୋଦାମ୍‌ରୁ ରିଲିଫ ଯିବା ପରେ ମଧ୍ୟ ୧୦ ଦିନ ପାଇଁ ରାସନ୍ ସାମଗ୍ରୀ ମହଜୁଦ୍ ରହିଛି । ଖାଉଟିମାନେ ଆଦୌ ଚିନ୍ତା କରନ୍ତୁ ନାହିଁ ବୋଲି କହିଛନ୍ତି ମାଲ୍‌ଗୋଦାମ୍ ବ୍ୟବସାୟୀ ସଂଘ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ।

# ମଜଭୁତ୍ ହେବ ପ୍ରାଥମିକ ଶିକ୍ଷା:ନିପୁଣ ଭାରତରେ ଗଞ୍ଜାମ ସାମିଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ଶିଶୁ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପଢ଼ିବା ବେଳକୁ ୪୫ ଠାରୁ ୬୦ ପର୍ଯ୍ୟନ୍ତ ସଂଖ୍ୟା ପ୍ରତି ମିନିଟ୍‌ରେ ପଢ଼ିପାରୁଥିବା ଉଚିତ୍ । ନିର୍ଭୁଲ ଭାବେ ମିନିଟ୍‌କୁ ୬୦ଟି ପର୍ଯ୍ୟନ୍ତ ଶବ୍ଦ ଲେଖିପାରୁଥିବା ଆବଶ୍ୟକ, ତାହା ପୁଣି ତାର ବୟସ ଅନୁସାରେ ଏକ ଅଜଣା ପୁସ୍ତକରୁ ହୋଇଥିବ । ସେହିସବୁ ଶବ୍ଦକୁ ସେ ବୁଝିପାରୁଥିବ ଏବଂ ସେଥିରେ ତାର ସ୍ପଷ୍ଟ ଧାରଣାଥିବ । ଏଭଳି ଲକ୍ଷ୍ୟ ନେଇ କେନ୍ଦ୍ର ସମସ୍ତ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ନିପୁଣ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସେଥିରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଭୁକ୍ତ । ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ୧୧୭୦ ସ୍କୁଲ୍ ସାମିଲ୍ ହୋଇଥିବା ବେଳେ ଏହି ସ୍କୁଲ୍ ପାଇଁ ଆବଶ୍ୟକ ଅନୁଦାନପ୍ରାପ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣ୍ଡେ କହିଛନ୍ତି । ପ୍ରକଳ୍ପ କାର୍ଯ୍ୟକ୍ରମ ପୂର୍ବରୁ ମିଳିଥିବା ଅନୁଦାନ ଅର୍ଥର ବ୍ୟୟ, ପ୍ରକଳ୍ପ ପାଇଁ ଉପକରଣ କ୍ରୟ ଏବଂ ଏହାର ସମ୍ପୂର୍ଣ୍ଣ ରୋଡ୍‌ମ୍ୟାପ୍ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ । ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଏହାର ରୂପରେଖ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ୨୦୨୩-୨୪ ଶିକ୍ଷା ବର୍ଷରେ କେନ୍ଦ୍ର ସରକାର ନିପୁଣ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ପ୍ରତ୍ୟେକ ଶିଶୁଙ୍କ ସାକ୍ଷାରତା ଓ ସାଂଖ୍ୟିକ ମୂଳଦୁଆ ସୁଦୃଢ଼ ହୋଇପାରିବ । ୨୦୨୬-୨୭ ମସିହା ସୁଦ୍ଧା ୩ୟ ଶ୍ରେଣୀରେ ଶିଶୁଟିଏ ପହଞ୍ଚିବା ବେଳକୁ ସେମାନଙ୍କର ସାକ୍ଷାରତା ଓ ସାଂଖ୍ୟିକ ମୂଳଦୁଆ ମଜଭୁତ ହେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଗତବର୍ଷ ମାଲକାନଗିରି ସମେତ ଆଉ କେତେକ ଜିଲ୍ଲାକୁ ଏହି ପ୍ରକଳ୍ପରେ ସାମିଲ୍ କରାଯାଇଥିଲା । ଭୁବନେଶ୍ୱର ରାଜଭବନ ପ୍ରାଥମିକ ସ୍କୁଲ୍‌ରେ ନିପୁଣ ଭାରତର ମାଷ୍ଟର୍ ମଡ୍ଲେ କରାଯାଇଛି । ଏହାକୁ ଅନୁସରଣ କରି ତାଲିକାଭୁକ୍ତ ଜିଲ୍ଲାର ପ୍ରାଥମିକ ସ୍କୁଲ୍‌ଗୁଡ଼ିକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ୨୪-୨୫ ଶିକ୍ଷା ବର୍ଷରେ ଗଞ୍ଜାମ ଜିଲ୍ଲା ନିପୁଣ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଛି । ଜିଲ୍ଲାର ୪ ହଜାରରୁ ଅଧିକ ପ୍ରାଥମିକ ସ୍କୁଲ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧୭୦ ସ୍କୁଲ୍‌କୁ ଅନୁଦାନ ମିଳିଛି । ପ୍ରତ୍ୟେକ ସ୍କୁଲ୍‌କୁ ୧.୫ ଲକ୍ଷ ହିସାବରେ ଅନୁଦାନ ପ୍ରଦାନ କରାଯାଇଛି । ନିପୁଣ ଭାରତ କାର୍ଯ୍ୟକ୍ରମ ୩ ରୁ ୯ ବର୍ଷ ଆୟୁବର୍ଗର ଶିଶୁମାନଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଉଦ୍ଦିଷ୍ଟ । ପ୍ରାପ୍ତ ଅନୁଦାନ ଅର୍ଥରେ ପିଲାଙ୍କ ପାଇଁ ଶିକ୍ଷଣ ସାମଗ୍ରୀ, ଟେବୁଲ୍, ଚେୟାର, ବ୍ଲାକ୍‌ବୋର୍ଡ଼, ବିଦ୍ୟାଳୟ କାନ୍ଥରେ ଶିକ୍ଷଣୀୟ ଚିତ୍ର, ଶ୍ରେଣୀଗୃହ ବିଦ୍ୟୁତ୍‌କରଣ ସହ ଆନୁସଙ୍ଗିକ ଉପକରଣ କ୍ରୟ ଓ ଭିତ୍ତିଭୂମି ଉନ୍ନତିକରଣ କରାଯିବ ବୋଲି ଏଡ଼ିଇଓ ଶ୍ରୀ ପାଣ୍ଡେ କହିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ଦ୍ୱାରା ଶିକ୍ଷକମାନେ ପ୍ରତିଟି ଛାତ୍ରଛାତ୍ରୀଙ୍କ ମୌଳିକ ଭାଷା ଶିକ୍ଷା, ସାକ୍ଷରତା ଏବଂ ସାଂଖ୍ୟିକ ଅଧ୍ୟୟନ ଉପରେ ନଜର ରଖିବା ଆବଶ୍ୟକ ହେବ । ଫଳରେ ସେମାନେ ଉତ୍ତମ ଭାବେ ପଢ଼ି ଓ ଲେଖି ପାରିବାରେ ସକ୍ଷମ ହୋଇପାରିବେ । ଏପରିକି ଏଥିରେ ଶିଶୁମାନଙ୍କ ମୂଳ ଆଧାରକୁ ମଜବୁତ୍ କରିବା ସକାଶେ ବ୍ୟବସ୍ଥା ରହିଛି ଏବଂ ସାକ୍ଷରତା ସହିତ ସାଂଖ୍ୟିକ ଅଧ୍ୟୟନ ଯେଉଁଭଳି ଶିଶୁଙ୍କୁ ତୁରନ୍ତ ପ୍ରାପ୍ତି ହେବ ତାକୁ ଜାତୀୟ ମିଶନ୍ ଭାବେ ଗ୍ରହଣ କରାଯାଇଛି ।

# କେନ୍ଦୁଝରର ଡେଲି ମାର୍କେଟ୍ ରାସ୍ତା ପୂତିଗନ୍ଧମୟ ହୋଇପଡୁଛି



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ସଦର ମହକୁମାରେ ଅବସ୍ଥିତ ଡେଲି ମାର୍କେଟ୍ ରାସ୍ତାଟି ଆବର୍ଜନାମୟ ହୋଇ ପଚି ଦୁର୍ଗନ୍ଧ ନିର୍ଗତ ହୋଇ ପରିବେଶକୁ ଦୂଷିତ କରୁଛି । ଏହି ଦୁର୍ଗନ୍ଧମୟ ପରିବେଶରେ ମଧ୍ୟ ଗାଁ ଗହଳିରୁ ଆସୁଥିବା ଉଠା ପରିବା, ଷ୍ଟେସନାରୀ, ଡ୍ରେସ୍, ଦୋକାନୀମାନେ ଦୋକାନ ଖୋଲି ସାମଗ୍ରୀ ବିକ୍ରି କରୁଛନ୍ତି, ସେହିଭଳି ଉକ୍ତ ଡେଲିମାର୍କେଟ୍‌ର ରାସ୍ତା ପାର୍ଶ୍ୱରେ ଥିବା ପାଇଖାନାଟି ମଧ୍ୟ ଅର୍ଦ୍ଧ ଭଗ୍ନ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ପଡିରହିଥିଲେ ହେଁ ମରାମତି କରାଯାଉନଥିବାରୁ ଉକ୍ତ ଅପରିଷ୍କାର ପାଇଖାନାରେ ମଳ ଉପରେ ମଳ ତ୍ୟାଗ, ପରିସ୍ରା କରୁଛନ୍ତି । କାରଣ ନିକଟରେ ଜନବସତି ଓ ବ୍ୟସ୍ତବହୁଳ, ଜର୍ଣ୍ଣାକୀର୍ଣ୍ଣ ଯୋଗୁଁ ପରିସ୍ରା କରିବାର ସୁବିଧା ନଥିବାରୁ ସେହି ଅର୍ଦ୍ଧଭଗ୍ନ, କଦର୍ଯ୍ୟମୟ ପାଇଖାନାରେ ବ୍ୟବସାୟୀ ମାନେ ପରିସ୍ରା କରି ନିଜ ସ୍ୱାସ୍ଥ୍ୟ ପ୍ରତି ବିପଦକୁ ଆମନ୍ତ୍ରଣ କରୁଛନ୍ତି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ନିକଟରେ ବିଭିନ୍ନ ସରକାରୀ ଅଫିସ, କ୍ଲିନିକ୍, ଜଳଖିଆ, ତେଜରାତି ଦୋକାନ ପ୍ରଭୃତି ରହିଥିବାରୁ ଦୈନିକ ବଜାରର ଏହି ରାସ୍ତା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଯାହାକି ଉକ୍ତ ରାସ୍ତାର ଗୁରୁତ୍ୱକୁ ଦୃଷ୍ଟି ଦେଇ ପୌର ବିଭାଗ ପକ୍ଷରୁ ସୁସ୍ଥ ବାତାବରଣ କିଭଳି ସୃଷ୍ଟି ପାଇଁ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ ଦୃଢ ଦାବି କରିଛନ୍ତି ।

## କନ୍ଧମାଳ ଜିଲ୍ଲା ବିଜେଡ଼ି ସଭାପତି ଇସ୍ତଫା ଦେଲେ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ଅଙ୍ଗଦ କହଁର ଦଳର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ଶ୍ରୀ କହଁର ଗତ ୨୦୨୪ ମାର୍ଚ୍ଚରୁ ଜିଲ୍ଲା ବିଜେଡ଼ି ସଭାପତି ଦାୟିତ୍ୱରେ ଥିଲେ । ତେବେ ବୟସ ଦୃଷ୍ଟିରୁ ସ୍ୱାସ୍ଥ୍ୟ ଗତ ସମସ୍ୟା ଦର୍ଶାଇ ସେ ଇସ୍ତଫା ଦେଇଥିବା କହିଛନ୍ତି । ଶ୍ରୀ କହଁର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଜେଡ଼ି ନେତା ବିଜୟ ନାୟକଙ୍କ ଜରିଆରେ ରାଜ୍ୟ ବିଜେଡ଼ି ସୁପ୍ରିମୋ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା କହିଛନ୍ତି । ତାଙ୍କ ପରେ ଏବେ ଜିଲ୍ଲା ସଭାପତି କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।

### ।।।।।। କଳାବଜାରୀଙ୍କ ଜୁଲୁମ୍‌ରେ ଖାଉଟି ଅସହାୟ ।।।।।।

# ବାତ୍ୟା ନହେଉଣୁ ବଢ଼ିଲା ଦର:ଆଳୁ ସକାଳେ ୩୦,ସନ୍ଧ୍ୟାରେ ୪୦

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ବ୍ୟସ୍ତ ଥିବାବେଳେ ମୁନାଫାଖୋର୍ ଆଳୁ ବେପାରୀମାନେ ସକାଳେ ୩୦ ଟଙ୍କାରେ ବିକୁଥିବା ବେଳେ ସନ୍ଧ୍ୟାରେ କିଲୋ ପିଛା ୧୦ ଟଙ୍କା ବଢାଇ ୪୦ ଟଙ୍କା ଦରରେ ବିକ୍ରୟ କରି ଗ୍ରାହକ ମାନଙ୍କୁ ଶୋଷଣ କରିବା ଆରମ୍ଭ କରି ଦେଲେଣି । ବାତ୍ୟା ହେବା ଆଶଙ୍କାରେ ଜନସାଧାରଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ, ପନିପରିବା ସଂଗ୍ରହ ପାଇଁ ଉଦ୍ୟମ କରୁଥିବା ବେଳେ କଳା ବଜାରୀ ବ୍ୟବସାୟୀ ମାନେ ଏହି ମୌକାରେ ଗରାଖଙ୍କୁ ଶୋଷଣ କରିବା ଲକ୍ଷ୍ୟ ନେଇ ଦରଦାମ୍ ବୃଦ୍ଧି କରିବାରେ ଲାଗିଛନ୍ତି । ଗଚ୍ଛିତ ଥିବା ସାମଗ୍ରୀକୁ ଲୁଚାଇ ରଖି କୃତିମ ଅଭାବ ସୃଷ୍ଟି କରି ଲୋକଙ୍କ ଠାରୁ ମନଇଚ୍ଛା ଦର କଷୁଥିବା ଦେଖିବାକୁ ମିଳୁଛି । ପଶ୍ଚିମବଙ୍ଗରେ ଆଳୁ ଦର ବଢି ଯାଇଥିବା କହି କିଲୋ ପିଛା ୧୦ରୁ ୧୫ ଟଙ୍କା ବଢାଇ ବିକ୍ରୟ କରୁଥିବା ଓ ପିଆଜ ଦର ୫୦ ରୁ ୬୦ କିଲୋ ପିଛା ବଢାଇ ଗରାଖ ମାନଙ୍କୁ ଲୁଟୁଛନ୍ତି । ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆଳୁ, ପିଆଜ, ପନିପରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା ବେପାରୀ ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଜିଲ୍ଲା ଯୋଗାଣ ବିଭାଗ ଏଥିପ୍ରତି ସଜାଗ ରହି ତୁରନ୍ତ କଳା ବଜାରୀ ବ୍ୟବସାୟୀଙ୍କ ଉପରେ ଚଢଉ କରି ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ଟାଙ୍ଗେଣି ଖଣି ଜଳଭଣ୍ଡାରରୁ ମୃତ ଦେହ ଉଦ୍ଧାର:ନାବାଳକ ସମେତ ଛଅ ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ଖୋର୍ଦ୍ଧା ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ, ଏସ.ପି ସାଗାରିକା ନାଥ ଟାଙ୍ଗେଣୀ ଖଣି ଜଳ ଭଣ୍ଡାରରେ ମୃତ ଦେହ ଉଦ୍ଧାର ଘଟଣାରେ ଜଣେ ନାବାଳକ ସମେତ ଛଅ ଜଣ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ସଦର ପୋଲିସ ଗିରଫ କରିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତା ୬/୧୦/୨୪ ଦିନ କାଇପାଦର ଗ୍ରାମର ଦୀପକ କୁମାର ସ୍ୱାଇଁ ଟାଙ୍ଗେଣୀ ମୁଣ୍ଡିଆ ଜଳ ଭଣ୍ଡାରରେ ଏକ ମୃତ ଦେହ ଭାସୁଥିବା ନେଇ ଖୋର୍ଦ୍ଧା ସଦର ଥାନାରେ ଜଣାଇଥିଲେ । ତାଙ୍କର ସୂଚନା ଅନୁସାରେ ଖୋର୍ଦ୍ଧା ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ -୧୩/୨୦୨୪ରେ ରୁଜୁ କରି ଘଟଣାଟିର ତଦନ୍ତ ଆରମ୍ଭ କରିଥିଲା । ଖୋର୍ଦ୍ଧା ଏସ.ପି.ଙ୍କ ନିର୍ଦ୍ଦେଶ ପ୍ରକାରେ ବିଭିନ୍ନ ବୈଦ୍ୟୁତିକ, ମୁଦ୍ରିତ ଗଣମାଧ୍ୟମ ଏବଂ ସୋସିଆଲ୍ ମିଡିଆ ଜରିଆରେ ଉକ୍ତ ବ୍ୟକ୍ତିର ଫଟୋ ପ୍ରଭୃତି ପ୍ରସାର କରାଯାଇଥିଲା । ଏହି ଖବର ମୃତ ବ୍ୟକ୍ତିଙ୍କ ପିତା ନୀଳମଣି ବେହେରାଙ୍କ ନିକଟରେ ପହଞ୍ଚିଥିଲା । ଏହି ଖବର ଜାଣିବା ପରେ ସେ ସଙ୍ଗେ ସଙ୍ଗେ ଖୋର୍ଦ୍ଧା ସାଦର ଥାନାରେ ପହଞ୍ଚି ମୃତ ଦେହଟି ତାଙ୍କ ପୁଅ ନିଶିକାନ୍ତ ବେହେରାଙ୍କ ବୋଲି ଚିହ୍ନଟ କରିବା ସହିତ ପୂର୍ବ ଶତ୍ରୁତା ହେତୁ ଯୋଜନାବଦ୍ଧ ଭାବେ ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ର ଅଭିଯୋଗ ଆଧାରରେ ପୋଲିସ ଉକ୍ତ ମାମଲାଟିକୁ ଅପମୃତ୍ୟୁ ମାମଲା ବଦଳରେ ହତ୍ୟା ମାମଲାରେ ପଞ୍ଜିକୃତ କରିଥିଲା । ଏସ.ପି. ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ ଅନୁସାରେ ଏସ. ଡି.ପି.ଓ. ଖୋର୍ଦ୍ଧା, ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାଟିର ତଦନ୍ତ କରାଯାଇଥିଲା । ଯେଉଁମାନେ ମୃତ ନିଶିକାନ୍ତଙ୍କୁ ଶେଷଥର ପାଇଁ ଦେଖିଥିଲେ ତାଙ୍କ ବିବୃତ୍ତି ଆଧାରରେ ଏବଂ ନିଶିକାନ୍ତଙ୍କ ମୋବାଇଲ୍ ଫୋନ୍‌ର କଲ୍ ରେକର୍ଡ ଯାଞ୍ଚ କରି ପୋଲିସ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେବାପରେ ଜେରା ସମୟରେ ଅନ୍ୟ ଚାରି ଅଭିଯୁକ୍ତ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହେବା ସହ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଏସ.ପି. ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବାଘମାରି ଥାନା ଅଧିନସ୍ଥ ପତନିବର ମା' ବାଉତିଙ୍କୁ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଅତି ନିର୍ମମ ଭାବରେ ଶ୍ୱାସରୁଦ୍ଧ କରି ନିଶିକାନ୍ତଙ୍କୁ ହତ୍ୟା କରିଥିବାବେଳେ ପ୍ରମାଣ ନଷ୍ଟ କରିବା ନିମନ୍ତେ ମୃତ ଦେହଟିକୁ ଆଣି ଖୋର୍ଦ୍ଧା ସଦର ଥାନା ଅଧିନସ୍ଥ ଟାଙ୍ଗେଣୀ ଖଣି ଜଳ ଭଣ୍ଡାରରେ ଫିଙ୍ଗି ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଖୋର୍ଦ୍ଧା ଏସ.ଡି.ପି.ଓ. ଅନିଲ କୁମାର ମହାନ୍ତି, ଖୋର୍ଦ୍ଧା ସଦର ଥାନା ଇନିସ୍ପେକ୍ଟର କାହ୍ନୁଚରଣ ସ୍ୱାଇଁ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ଅଜଣା ଗାଡ଼ି ଧକ୍କାରେ ସାଇକେଲ୍ ଆରୋହୀ ମୃତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ତ୍ରିଶୂଳିଆରୁ କଟକକୁ ସଂଯୋଗ କରୁଥିବା ସୁବାଷ ସେତୁ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ ବଡମ୍ବା ଥାନା ଅଧୀନସ୍ଥ ଝରିଆ ଗ୍ରାମର ପ୍ରଫୁଲ୍ଲ ରାଉତ (୪୫) ନିଜ ପରିବାରକୁ ନେଇ କଟକ ସେମିନାର ଛକ ନିକଟରେ ଭଡ଼ା ଘରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ମଙ୍ଗଳବାର ଦିନ ସକାଳୁ ପ୍ରଫୁଲ୍ଲ ସାଇକେଲ ଯୋଗେ ଘରୁ ତ୍ରିଶୂଳିଆ ବଜାର ନିକଟକୁ କାର୍ଯ୍ୟ କରିବା ପାଇଁ ଆସୁଥିବା ବେଳେ ସାଢ଼େ ୮ଟା ସମୟରେ ସୁବାଷ ସେତୁ ଉପରେ ପଛପଟୁ ଏକ ଅଜଣା କାର୍ ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ଘଟଣାସ୍ଥଳରେ ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକମାନେ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ପ୍ରଫୁଲ୍ଲଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ପରିବାର ଲୋକେ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ବାତ୍ୟା 'ଦାନା' ମୁକାବିଲା ପାଇଁ ବିଭିନ୍ନ ଜିଲ୍ଲାକୁ ଗଲେ ୧୫ଟି ଏନ୍‌ଡିଆର୍‌ଏଫ୍ ଟିମ୍

# ପଞ୍ଜାବରୁ ଆସିଛନ୍ତି ଆଉ ୫ଟି ଟିମ୍:ଜିରୋ କାଜୁଆଲିଟି ଲକ୍ଷ୍ୟ ଉପରେ ଗୁରୁତ୍ୱ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**



ସମ୍ଭାବ୍ୟ ବାତ୍ୟା 'ଦାନା' ଏବେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ଭାବେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଅବସ୍ଥିତ ରହି ମଙ୍ଗଳବାର ସକାଳ ସୁଦ୍ଧା ଅବପାତରେ ପରିଣତ ହୋଇ ବୁଧବାର ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହୋଇଛି । ବାତ୍ୟା 'ଦାନା' ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ଅତି ଭୟଙ୍କର ଭାବେ ମାଡି ଆସୁଛି ବାତ୍ୟା 'ଦାନା' । ଏପଟେ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ସଜାଗ ରହିଛନ୍ତି । ବାତ୍ୟା ବେଳେ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖିଛି ପ୍ରଶାସନ । ଏନେଇ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ଏନ୍‌ଡିଆର୍‌ଏଫ୍ ଟିମ୍ । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ମଧ୍ୟାହ୍ନରେ ବାରଙ୍ଗ ମୁଣ୍ଡଳୀ ସ୍ଥିତ ୩ୟ ବାହିନୀ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବୋଟ୍, ଆସ୍କା ଲାଇଟ୍, କଟର, ପିପି ଜ୍ୟାକେଟ୍ ଆଦି ବହୁ ଆପତକାଳୀନ ସରଞ୍ଜାମ ନେଇ ୧୫ଟି ଟିମ୍ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରିଛନ୍ତି । ପୁରୀକୁ ଦୁଇଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହୋଇଥିବା ବେଳେ ଜଗତସିଂହପୁରକୁ ଦୁଇଟି ଟିମ୍ ମୁତୟନ ହୋଇଛନ୍ତି । ସେହିଭଳି ଭଦ୍ରକରେ ଦୁଇଟି ଟିମ୍, କେନ୍ଦ୍ରାପଡାରେ ଦୁଇଟି ଟିମ୍, ବାଲେଶ୍ୱରରେ ତିନୋଟି ଟିମ୍, ମୟୂରଭଞ୍ଜରେ ଦୁଇଟି, କେନ୍ଦୁଝରରେ ଗୋଟିଏ ଟିମ୍ ଏବଂ ଯାଜପୁରରେ ଗୋଟିଏ ଟିମ୍ ଏନ୍‌ଡିଆର୍‌ଏଫ୍‌ର ଯବାନମାନେ ମୁତୟନ ହୋଇଛନ୍ତି । ୮ଟି ଜିଲ୍ଲାରେ ମୋଟ୍ ୧୫ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ କରାଯାଇଛି । ୧୫ଟି ଟିମ୍ ସହ ୧୫ ଜଣ ନୀରିକ୍ଷକ ଓ ୩୦ ଜଣ ଉପ ନୀରିକ୍ଷକ ସାମିଲ୍ ରହିବେ । ପ୍ରତ୍ୟେକ ଟିମ୍‌ରେ ୩ ଜଣ ଲେଖାଏଁ ଅଧିକାରୀ ନିୟୋଜିତ ରହି ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିବେ । ବାତ୍ୟା ବେଳେ ବିଭିନ୍ନ ସ୍ଥାନରେ ଏହି ସବୁ ଟିମ୍ ଉଦ୍ଧାର ଅଭିଯାନ ଜାରି ରଖିବେ । ସେହିପରି ପଞ୍ଜାବ ସ୍ଥିତ ୭ମ ବାହିନୀ ଏନ୍‌ଡିଆର୍‌ଏଫ୍‌ରୁ ଆଉ ୫ଟି ଟିମ୍ ଏୟାର ଲିଫ୍ଟ ସାହାଯ୍ୟରେ ଓଡ଼ିଶା ଆସିଛନ୍ତି । ସେମାନେ ଏଠାରେ ପହଞ୍ଚିବା ପରେ ବିଭିନ୍ନ ଜିଲ୍ଲାକୁ ନିୟୋଜିତ କରାଯାଇଛି ବୋଲି ଏନ୍‌ଡିଆର୍‌ଏଫ୍‌ର ସେକେଣ୍ଡ ଇନ୍ କମାଣ୍ଡ ବର୍ଦ୍ଧମାନ ମିଶ୍ରା ସୂଚନା ଦେଇଛନ୍ତି ।

## ଅଗ୍ନିପଥ ଯୋଜନା ଅନ୍ତର୍ଗତ ମହିଳା ମିଲିଟାରି ପୋଲିସ ନିଯୁକ୍ତି ରାଲି ଆସନ୍ତା ୨୭ ତାରିଖକୁ ଘୁଞ୍ଚିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଆସନ୍ତା ୨୫ ତାରିଖରେ ପୁରୀର ତାଳବଣିଆ ସ୍ଥିତ ଇଣ୍ଡୋର୍ ଷ୍ଟାଡିୟମ୍ ଏବଂ ଜିଲ୍ଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଅଗ୍ନିପଥ ଯୋଜନା ଅନ୍ତର୍ଗତ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ର ମହିଳା ମିଲିଟାରୀ ପୋଲିସ ନିମନ୍ତେ ଅନୁଷ୍ଠିତ ହେବାକୁଥିବା ନିଯୁକ୍ତି ରାଲିକୁ ଆସନ୍ତା ୨୭ ତାରିଖକୁ ଘଞ୍ଚାଇ ଦିଆଯାଇଛି । ଏହି ରାଲି ଅକ୍ଟୋବର ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଥିଲା । ସମସ୍ତ ଯୋଗ୍ୟ ପ୍ରାର୍ଥୀ ଅକ୍ଟୋବର ୨୭ ତାରିଖ ଦିନ ଗୋଟାଏ ବେଳେ ନିର୍ଦ୍ଧାରିତ ନିଯୁକ୍ତି ରାଲି ସ୍ଥାନରେ ରିପୋର୍ଟ କରିବାକୁ କୁହାଯାଇଛି ।

# ରେନ୍‌ବୋ ଜଳପ୍ରପାତର ବିକାଶ ପାଇଁ ପ୍ରଶାସନର ବଡ଼ ପଦକ୍ଷେପ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅନେକ ଜଳପ୍ରପାତ ରହିଛି । ତାହା ମଧ୍ୟରେ ରେନ୍‌ବୋ ଜଳପ୍ରପାତ ଅନ୍ୟତମ । ଏହି ଜଳପ୍ରପାତ ଉକ୍ତ ବ୍ଲକ୍ ଫ୍ଲିହେରି ପଞ୍ଚାୟତ ପାଙ୍ଗାଲି ଗ୍ରାମରେ ରହିଥିବାବେଳେ ଏହାର ବିକାଶ ସହ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ ପ୍ରୟାସ ଆରମ୍ଭ କରିଛି । ପ୍ରକାଶ ଯେ, ଦାରିଙ୍ଗବାଡି ଠାରୁ ବ୍ରାହ୍ମଣୀଗାଁ ଯିବା ରାସ୍ତାର ପାଙ୍ଗାଲି ଗ୍ରାମରୁ ପ୍ରାୟ ୫ ଶହ ମିଟର ଦୂରତା ପରେ ଏହି ଜଳପ୍ରପାତଟି ରହିଛି । ଏହା ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରୁଥିବାବେଳେ ଜଳପ୍ରପାତରେ ପହଞ୍ଚିବା ପାଇଁ ସବୁଦିନିଆ ଭଲ ରାସ୍ତାଟିଏ ନାହିଁ । ଜଳପ୍ରପାତରେ ବିପଦପୂର୍ଣ୍ଣ ଭାବେ ପହଞ୍ଚିବାକୁ ପଡୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଛାଡିଦେଲେ ଅନ୍ୟମାନେ ଯିଏବି ସେଠାକୁ ବୁଲିବାକୁ ଯାଆନ୍ତି, ନିଜ ସୁରକ୍ଷା ପାଇଁ ହାତରେ ବାଡିଟିଏ ଧରି ଚାଲିବାକୁ ପଡୁଛି । ଫଳରେ ସେହି ଜଳ ପ୍ରପାତରେ ପହଞ୍ଚିବା ପାଇଁ ପାହାଚର ଆବଶ୍ୟକତା ସହ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଆବଶ୍ୟକତା ରହିଥିବାରୁ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେଦାର ଚନ୍ଦ୍ର ପଣ୍ଡା ଉକ୍ତ ଜଳପ୍ରପାତରେ ପହଞ୍ଚି ତାର ବିକାଶ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ତାର ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନ ପଦକ୍ଷେପ ନେଉଥିବା ଓ ଖୁବ୍‌ଶୀଘ୍ର ସଂଯୋଗୀକରଣ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଇ ପର୍ଯ୍ୟଟକଙ୍କୁ ଲୋକାର୍ପିତ କରାଯିବ ବୋଲି ବିଡ଼ିଓ କହିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମିଡିୟାନ୍ଦୁ ଜଳପ୍ରପାତ ସମେତ କିରିକୁଟି ଲଭର୍ସ ପଏଣ୍ଟ, ସିଆଙ୍ଗବାଲି ପଞ୍ଚାୟତର କିସୁବାଡ଼ି ଗ୍ରାମରେ ଥିବା ପାଟାବାନ୍ଧା ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିବା ବେଳେ ପାଙ୍ଗାଲିରେ ଥିବା ରେନ୍‌ବୋ ଜଳପ୍ରପାତ ନୂତନ ଭାବେ ପର୍ଯ୍ୟଟନ କ୍ଷେତ୍ରରେ ଯୋଡି ହୋଇପାରିଛି । ଚଳିତ ବର୍ଷ ଡୁଲୁରୀ ପାଇନବଣର ପୁନଃରୁଦ୍ଧାର ହେବା ସହ ହିଲଭିୟୁ ପାର୍କରେ ଶିଶୁମାନଙ୍କୁ ଆକୃଷ୍ଟ କରିବାକୁ ଟୟ ଟ୍ରେନ୍‌ର ଶୁଭାରମ୍ଭ ହୋଇଥିବା ବେଳେ ରେନ୍‌ବୋ ଜଳପ୍ରପାତ ଓ ପାଇନ୍‌ବଣ ୱାର୍କିଙ୍ଗ ଟ୍ରେଲ୍ ଭଳି ୨ଟି ନୂତନ ପର୍ଯ୍ୟଟନକ୍ଷେତ୍ର ପର୍ଯ୍ୟଟକଙ୍କ ପାଇଁ ଲୋକାର୍ପଣ ଅପେକ୍ଷାରେ ରହିଛି, ଯାହାକି ପର୍ଯ୍ୟଟକଙ୍କ ମନ ମୋହିବ ବୋଲି କୁହାଯାଉଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୧୦।୨୦୨୪, କାର୍ତ୍ତିକ ଦି୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୪୪।୩୨** **ଚନ୍ଦ୍ରୋଦୟ- ରାଘ ୧୧।୩୮।୧୦**

**ଅଷ୍ଟମୀ-** ରାଘ ୧।୫୯ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ପ୍ରାଘ ୬।୧୬ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧।୫୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ରାଘ ୫।୪୮ ପରେ ଘ୭।୨୦ ମଧ୍ୟେ । ସନ୍ଧ୍ୟା ଘ୬।୦୪ ପରେ ରାଘ ୯।୨୪ ମଧ୍ୟେ ।

**ମେଷ:** ବ୍ୟବସାୟରୁ ଆଶାନୁରୂପକ ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ । ମନ ଆନନ୍ଦ ରହିବ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ନୂତନ ବନ୍ଧୁ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।

**ମିଥୁନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଧନ ଲାଭ ହେବ । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ପରୋପକାରୀ ହେବେ ।

**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ସଫଳତା ସହ ଶୁଭ ଖବର ପ୍ରାପ୍ତ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବାର ସୂଚନା ।

**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା । ଦେହ ଓ ମନ ଭଲ ରହିବ ।

**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଶରୀର ସୁସ୍ଥ ରହିବ । ଅନେକ ଦିନର ଆଶା ପୂରଣ ହେବ । ଗୃହେ ସୁଖ ଶାନ୍ତି ଲାଭ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ମହିଳାମାନେ ସୁଖୀ ହେବେ ।

**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଶତ୍ରୁ ନାଶ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ଆୟର ପରିମାଣ ବଢ଼ିବ । ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତ ହେବାର ସୂଚନା ।

**ବିଛା:** ଦୂରକୁ ଯାତ୍ରା କରି କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ମନ ଭଲ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।

**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ହଠାତ୍ ଶୁଭ ଖବର ପାଇପାରନ୍ତି । ଧର୍ମ କାର୍ଯ୍ୟ କରିପାରନ୍ତି ।

**ମକର:** ଚାକିରୀକ୍ଷେତ୍ରରେ ଭୁଲ୍ ବୁଝାମଣା ହୋଇପାରେ । ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ଖର୍ଚ୍ଚ ବଢ଼ିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।

**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । କଚେରି ମାମଲାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ । ଭ୍ରମଣ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ ।



## ମୃତକଙ୍କ ପରିବାରକୁ ସାଂସଦଙ୍କ ସହାୟତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ସାପ କାମୁଡାରେ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଜୋନ୍ ନଂ-୩୫ ଅନ୍ତର୍ଗତ ବଡ ମୂଳବସନ୍ତ ଗାଁର ମଞ୍ଜୁ ମଳିକଙ୍କ ପୁତ୍ର ଜୟରାମ ମଳିକ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଖବର ପାଇବା ପରେ ସାଂସଦ ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶରେ ଜିଲ୍ଲା ବିଜେପି ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୃତକଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କାନନବାଳା ଦାସ, ମଣ୍ଡଳ ସଭାପତି ମନମୋହନ ପାତ୍ରଙ୍କ ସମେତ ନିରାକାର ଦାସ, ତୁଷାରକାନ୍ତ ଅଧିକାରୀ, ସୁଧିର ରଞ୍ଜନ ପ୍ରଧାନ, ସଂଗ୍ରାମ ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୫ ଟ୍ରିଲିଅନ ଡଲାର ଛୁଇଁଛି ବଜାରପୁଞ୍ଜି

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପୁଞ୍ଜି ବଜାରରେ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାର ଏକ ବିରଳ ମାଇଲଖୁଣ୍ଟ ହାସଲ କରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ପ୍ରଥମ ଥର ପାଇଁ ୫ ଟ୍ରିଲିଅନ ଡଲାର ଛୁଇଁଛି। କେବଳ ସେତିକି ନୁହେଁ, ୧୦ଟି ବଡ଼ କମ୍ପାନିଙ୍କ ବଜାରପୁଞ୍ଜି ମଧ୍ୟ ପ୍ରଥମ ଥର ପାଇଁ ୧ ଟ୍ରିଲିଅନ ଡଲାର ଟପିଛି। ସେନସେକ୍ସ ସର୍ବକାଳୀନ ରେକର୍ଡ ଠାରୁ ପ୍ରାୟ ୧.୭ ପ୍ରତିଶତ କମ୍ ଥିଲେ ମଧ୍ୟ ବଜାରପୁଞ୍ଜିରେ ବୃଦ୍ଧି ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟ୍‌ର ସୂଚନା ଅନୁଯାୟୀ, ଏକ୍ସଚେଞ୍ଜରେ ତାଲିକାଭୁକ୍ତ ୫୩୯୧ଟି କମ୍ପାନିର ବଜାରପୁଞ୍ଜି ୫ ଟ୍ରିଲିଅନ ଡଲାର ବା ୪୧୪.୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତବର୍ଷ ଆରମ୍ଭରେ ସେୟାରଗୁଡ଼ିକର ବଜାରପୁଞ୍ଜି ଯେଉଁ ସ୍ତରରେ ଥିଲା ଆଜିସୁଦ୍ଧା ସେଥିରେ ପ୍ରାୟ ୬୩୩ ବିଲିଅନ ଡଲାର ବୃଦ୍ଧି ଘଟିଛି। ତଥ୍ୟ ଅନୁଯାୟୀ, ୧୦ଟି ବଡ଼ କମ୍ପାନିର ବଜାରପୁଞ୍ଜି ୧ ଟ୍ରିଲିଅନ ଡଲାର ବା ୯୦.୫୪ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବଜାରପୁଞ୍ଜି ସର୍ବାଧିକ ୧୯.୪୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଟାଟା କନସଲଟାନ୍‌ସି ସର୍ଭିସେସ୍ (ଟିସିଏସ୍) ରହିଛି। ଟିସିଏସ୍‌ର ବଜାରପୁଞ୍ଜି ୧୩.୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବଜାରପୁଞ୍ଜି ୧୧.୦୮ ଲକ୍ଷ କୋଟି ଟଙ୍କା, ଆଇସିଆଇସିଆଇ ବ୍ୟାଙ୍କର ବଜାରପୁଞ୍ଜି ୭.୮୮ ଲକ୍ଷ କୋଟି ଟଙ୍କା ଏବଂ ଭାରତୀ ଏୟାରଟେଲର ବଜାରପୁଞ୍ଜି ୭.୬୨ ଲକ୍ଷ କୋଟି ଟଙ୍କାରେ ରହିଛି। ଏହାବ୍ୟତୀତ ଭାରତୀୟ ଷ୍ଟେଟ ବ୍ୟାଙ୍କର ବଜାରପୁଞ୍ଜି ୭.୪୧ ଲକ୍ଷ କୋଟି ଟଙ୍କା, ଏଲ୍ଆଇସିର ୬.୪୬ ଲକ୍ଷ କୋଟି ଟଙ୍କା, ଇନଫୋସିସ୍‌ର ୫.୯୫ ଲକ୍ଷ କୋଟି ଟଙ୍କା, ଆଇଟିସିର ୫.୪୩ ଲକ୍ଷ କୋଟି ଟଙ୍କା ଏବଂ ହିନ୍ଦୁସ୍ତାନ ୟୁନିଲିଭରର ବଜାରପୁଞ୍ଜି ୫.୪୨ ଲକ୍ଷ କୋଟି ଟଙ୍କାରେ ରହିଛି। ଏକ ରିପୋର୍ଟ ଅନୁଯାୟୀ, ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ବଜାରପୁଞ୍ଜି ୨୦୨୩ ନଭେମ୍ବରରେ ୪ ଟ୍ରିଲିଅନ ଡଲାର ଟପିଥିଲା। ଏହାର ୬ ମାସ ମଧ୍ୟରେ ବଜାରପୁଞ୍ଜି ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ଉଲ୍ଲେଖଯୋଗ୍ୟ, ୨୦୦୭ ମେ ମାସରେ ବଜାରପୁଞ୍ଜି ୧ ଟ୍ରିଲିଅନ ଡଲାର ଟପିଥିଲା। କିନ୍ତୁ ୨ ଟ୍ରିଲିଅନ ଡଲାର ଟପିବାକୁ ଦୀର୍ଘବର୍ଷ ଲାଗିଥିଲା। ପ୍ରାୟ ୧ ଦଶନ୍ଧି ପରେ ୨୦୧୭ରେ ଏହା ୨ ଟ୍ରିଲିଅନ ଡଲାର ?ଟପିଥିଲା। ଏହା ପରେ ୨୦୨୧ ମେ ମାସରେ ୩ ଟ୍ରିଲିଅନ ଡଲାର ଟପିଥିଲା। ଭାରତକୁ ବାଦ୍ ଦେଲେ ବର୍ତ୍ତମାନ ବିଶ୍ୱର ଆଉ ୪ଟି ଦେଶର ଷ୍ଟକ୍ ବଜାର ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ସେମାନେ ହେଲେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଜାପାନ ଏବଂ ହଂକଂ। ଯୁକ୍ତରାଷ୍ଟ୍ର ଆମେରିକାରେ ବଜାରପୁଞ୍ଜି ସର୍ବାଧିକ ୫୫.୬୫ ଟ୍ରିଲିଅନ ଡଲାର ଥିବାବେଳେ ଚୀନର ୯.୪ ଟ୍ରିଲିଅନ ଡଲାର, ଜାପାନର ୬.୪୨ ଟ୍ରିଲିଅନ ଡଲାର ଏବଂ ହଂକଂର ୫.୪୭ ଟ୍ରିଲିଅନ ଡଲାର ରହିଛି।

# ରସାୟନ ଶାସ୍ତ୍ରର ପ୍ରଣେତା ନାଗାର୍ଜୁନ

ଡଃ ସନ୍ତୋଷ କୁମାର ପଣ୍ଡା
କଟକ

ପ୍ରାଚୀନ ଭାରତ କେବଳ ଗଣିତ ଏବଂ ଜ୍ୟୋତିଷ ଶାସ୍ତ୍ରରେ ଅନେକ ନୂତନ ଉଦ୍ଭାବନ କରି ବିଶ୍ୱର ଜ୍ଞାନ ସମ୍ପଦକୁ ସମୃଦ୍ଧ କରି ନ ଥିଲା ବରଂ ରସାୟନ ବିଜ୍ଞାନ ପରି ଆଧୁନିକ କ୍ଷେତ୍ରରେ ମଧ୍ୟ ବିଶେଷ ଅବଦାନ ରଖିଥିଲା। ନାଗାର୍ଜୁନ ଏପରି ଜଣେ ପ୍ରସିଦ୍ଧ ରସାୟନ ବିଜ୍ଞାନୀ ଥିଲେ। ନାଗାର୍ଜୁନ ମଧ୍ୟପ୍ରଦେଶର ଛତିଶଗଡ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲୁକା ଛତିଶଗଡର ରାୟପୁର ଜିଲ୍ଲାର ପୈରୀ ନଦୀ କୂଳରେ ଥିବା ଏକ ଗ୍ରାମ। ପ୍ରାଚୀନ କାଳରେ ପୈରୀ ନଦୀର ନାମ ପାର୍ବତୀ ନଦୀ ଏବଂ ବାଲୁକା ଗାଁର ନାମ ଥିଲା – ବାଲୁ ଗ୍ରାମ। ସତପୁଡ଼ାର ସୁରମ୍ୟ ପର୍ବତମାଳା କୋଳରେ ଅବସ୍ଥିତ ଏହି ବାଲୁକା ଗ୍ରାମ ହେଉଛି ନାଗାର୍ଜୁନଙ୍କ ଜନ୍ମସ୍ଥାନ । ତାଙ୍କ ପିତା କୌଡ଼ିନ୍ୟ ଗୋତ୍ରରେ ଜନ୍ମିତ ଜଣେ ଦାକ୍ଷିଣାତ୍ୟ ବ୍ରାହ୍ମଣ ଥିଲେ । ସେ ଅତ୍ୟନ୍ତ ସାତ୍ତ୍ୱିକ, ଶିବଭକ୍ତ, କର୍ମକାଣ୍ଡୀ ସୁଗୃହସ୍ଥ ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲେ। ଦିନେ ରାତିରେ ଜଣେ ସାଧୁ ତାଙ୍କୁ ସ୍ୱପ୍ନରେ ଦେଖାଦେଲେ ଏବଂ କହିଥିଲେ ଯେ ଯଦି ସେ ଭକ୍ତି ଓ ବିଶ୍ୱାସ ସହିତ ସଦାଚାରୀ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବେ, ତେବେ ସେ ଏକ ପୁତ୍ର ସନ୍ତାନ ଆଶୀର୍ବାଦ ପ୍ରାପ୍ତ ହେବେ । ତେଣୁ ସନ୍ତାନ ପ୍ରାପ୍ତି ପାଇଁ ବ୍ରାହ୍ମଣ ଦମ୍ପତି ମଧ୍ୟ ତାହା କରିଥିଲେ। ସମୟକ୍ରମେ ଏହି ସ୍ୱପ୍ନ ସତ୍ୟ ବୋଲି ପ୍ରମାଣିତ ହେଲା ଏବଂ ସେମାନଙ୍କ ଘରେ ଏକ ସୁନ୍ଦର ବାଳକ ଜନ୍ମ ହେଲା। କିନ୍ତୁ ଶିଶୁର ଜାତକ ତିଆରି କରିବାବେଳେ ଜ୍ୟୋତିଷମାନେ କହିଥିଲେ ଯେ ଏହି ଶିଶୁର ଆୟୁଷ ଅଳ୍ପ। ଜ୍ୟୋତିଷଙ୍କ ଏହି ଭବିଷ୍ୟବାଣୀରେ ପିତାମାତା ଚିନ୍ତିତ ହେଲେ ।

ଶିଶୁ ନାଗାର୍ଜୁନ ଜନ୍ମରୁ ବହୁତ ପ୍ରଭାବଶାଳୀ ଥିଲେ । ତେଣୁ ସେ ଖୁବ୍ ଶୀଘ୍ର ବେଦ ଏବଂ ବେଦାଙ୍ଗର ଅଧ୍ୟୟନ ସମାପ୍ତ କଲେ । ସେ ବଡ ହେବା ପରେ ଶ୍ରୀପୁର ବିଦ୍ୟାଳୟରେ ପଢ଼ିବାକୁ ଯାଇଥିଲେ, ଯାହା ବର୍ତ୍ତମାନ ସିରପୁର ନାମକ ଗାଁ ହୋଇ କେବଳ ରହିଯାଇଛି। ଏହା ପ୍ରାୟ ଖ୍ରୀଷ୍ଟପୂର୍ବ ୫୦ ରୁ ଖ୍ରୀଷ୍ଟାବ୍ଦ ୧୨୦ର ଘଟଣା। ସେହି ସମୟରେ ସିରପୁର ମହାକୋଶଳର ରାଜଧାନୀ ଥିଲା। ଧନଧାନ୍ୟରେ ପରିପୂର୍ଣ୍ଣ ଏହି ସହରରେ ଏକ ବିଶ୍ୱବିଦ୍ୟାଳୟ ମଧ୍ୟ ଥିଲା, ଯେଉଁଠାରେ ଦେଶ ତଥା ଦେଶ ବାହାରୁ ଛାତ୍ରମାନେ ଅଧ୍ୟୟନ କରିବାକୁ ଆସୁଥିଲେ । ନାଗାର୍ଜୁନ ଏଠାରେ ବୌଦ୍ଧଦର୍ଶନ ଅଧ୍ୟୟନ କରିଥିଲେ ଏବଂ ବୌଦ୍ଧ ମତରେ ଦୀକ୍ଷିତ ମଧ୍ୟ ହୋଇଥିଲେ। ଶିକ୍ଷା ସମାପ୍ତ କରିବା ପରେ ସେ ଉକ୍ତ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ସେହି ସମୟରେ ମହାକୋଶଳରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା। ବାର ବର୍ଷ ଧରି ବର୍ଷା ଅଭାବରୁ ଲୋକମାନେ ଭୋକରେ ମରିବା ଆରମ୍ଭ କଲେ । ତା’ପରେ ରାଜା ଆର୍ଯ୍ୟଦେବ ନାଗାର୍ଜୁନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ପରାମର୍ଶ ମାଗିଥିଲେ।

ନାଗାର୍ଜୁନ ଜଣେ ରସାୟନ ବିଜ୍ଞାନୀ ଥିଲେ ମଧ୍ୟ ଏହି ସମସ୍ୟା ବିଷୟରେ ଗମ୍ଭୀର ଭାବରେ ଚିନ୍ତା କରିବା ଆରମ୍ଭ କଲେ । ସେ କିଛି ଦିନ ପାଇଁ ଏକାନ୍ତ ବାସରେ ରହିଲେ। କିଛି ଦିନ ପରେ, ସେ ରାଜାଙ୍କ ନିକଟକୁ ଏକ ବାର୍ତ୍ତା ପଠାଇଲେ ଯେ ତାଙ୍କ ରାଜ୍ୟରେ ଥିବା ତମ୍ବା ସଂଗ୍ରହ କରି ନିଜ ଆଶ୍ରମକୁ ପଠାନ୍ତୁ। ରାଜା ମଧ୍ୟ ତାହା ହିଁ କଲେ। କିଛି ଦିନ ପରେ, ଯେତେବେଳେ ନାଗାର୍ଜୁନ ତାଙ୍କୁ ଆଶ୍ରମକୁ ଡାକିଲେ, ତାଙ୍କ ସାମ୍ନାରେ ଏକ ବିରାଟ ସୁନା ଗଦା ଥିଲା ।

ଏହା ପରେ ନାଗାର୍ଜୁନ ରାଜାଙ୍କୁ ଏହି ସୁନା ନେବାକୁ ଓ ଅନ୍ୟ ଦେଶରେ ବିକ୍ରୟ କରିବାକୁ, ଖାଦ୍ୟ କିଣିବାକୁ ଏବଂ ଲୋକମାନଙ୍କ ମଧ୍ୟରେ ବାଣ୍ଟିବାକୁ କହିଥିଲେ। ଏହିପରି ନାଗାର୍ଜୁନ ରସାୟନ ବିଜ୍ଞାନରେ ତାଙ୍କର ବିଶେଷ ପ୍ରତିଭା ସାହାଯ୍ୟରେ ଏହି ସମସ୍ୟାର ସମାଧାନ କଲେ।

ନାଗାର୍ଜୁନଙ୍କ ଜନ୍ମ ଏବଂ ଜନ୍ମ ସ୍ଥାନ ବିଷୟରେ କୌଣସି ସଠିକ୍ ପ୍ରମାଣ ନାହିଁ। କେତେକ ପଣ୍ଡିତଙ୍କ ଅନୁଯାୟୀ, ସେ ଗୁଜୁରାଟର ସୋମନାଥ ନିକଟସ୍ଥ ଦୈହିକ ଦୁର୍ଗ ନାମକ ଏକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ଏହା ନିଶ୍ଚିତ ଯେ ସେ ଜଣେ ମହାନ ବୈଜ୍ଞାନିକ ଥିଲେ ଏବଂ ସେ ଅନେକ ନିମ୍ନ ଧାତୁକୁ ସୁନାରେ ପରିଣତ କରିବାର ପଦ୍ଧତି ଉଦ୍ଭାବନ କରିଥିଲେ। ତାଙ୍କ ଦ୍ୱାରା ଲିଖିତ “ରସ ରତ୍ନାକର” ଓ ‘ରସେନ୍ଦ୍ର ମଙ୍ଗଳ’ ପୁସ୍ତକ ରସାୟନ ବିଜ୍ଞାନର ଦୁଇଟି ଅମୂଲ୍ୟ ରତ୍ନ।

ରସ ରତ୍ନାକର ଗ୍ରନ୍ଥରେ ମୁଖ୍ୟ ରସ ଭାବେ ନିମ୍ନଲିଖିତ ରସାୟନର ଉଲ୍ଲେଖ ଅଛି- ୧) ମହାରସ, ୨) ଉପରସ, ୩) ସାମାନ୍ୟରସ, ୪) ରତ୍ନ, ୫) ଧାତୁ, ୬) ବିଷ, ୭) କ୍ଷାର, ୮) ଅମ୍ଳ, ୯) ଲବଣ ଓ ୧୦) ଭସ୍ମ।

ସେହିପରି ମହାରସର ପ୍ରକାର ଭେଦ- ୧) ଅଭ୍ର, ୨) ବୈକ୍ରାନ୍ତ, ୩) ଭାଷିକ, ୪) ବିମଳା, ୫) ଶିଳାଜତ୍ତୁ, ୬) ସାସ୍ୟକ, ୭) ଚପଳା ଓ ୮) ରସକ। ଉପରସର ପ୍ରକାର ଭେଦ - ୧) ଗନ୍ଧକ, ୨) ଗୈରିକ, ୩) କାଶିସ୍, ୪) ସୁବରି, ୫) ଲାଳକ, ୬) ମନ, ୭) ଶିଳା, ୮) ଅଞ୍ଜନ ଓ ୯) କଙ୍କୁଷ୍ଠ। ସାମାନ୍ୟ ରସର ପ୍ରକାର ଭେଦ- ୧) କୋୟିଲା, ୨) ଗୌରୀପାଷାଣ, ୩) ନବସାର, ୪) ବରାଟକ, ୫) ଅଗ୍ନିଜାର, ୬) ଲାଜବର୍ତ୍ତ, ୭) ଗିରି ସିନ୍ଦୂର, ୮) ହିଙ୍ଗୁଳ ଓ ୯) ମୁର୍ଜାଡ଼ ଶୃଂମକମ୍।

ସେହିପରି ଦଶ ପ୍ରକାର ବିଷ ମଧ୍ୟ ଅଛି। ରସ ରତ୍ନାକରର ନବମ ଅଧ୍ୟାୟରେ ରସଶାଳା ଅର୍ଥାତ୍ ପ୍ରୟୋଗଶାଳାର ବିସ୍ତୃତ ବର୍ଣ୍ଣନା ଅଛି ଯେଉଁଥିରେ ୩୨ରୁ ଅଧିକ ଯନ୍ତ୍ରର ବ୍ୟବହାର ହୋଇଥାଏ। ସେଥିରୁ ଦୋଳ, ସ୍ୱେଦନୀ, ପାଟନ, ଅଧସ୍ୱଦନ, ଢେକୀ, ବାଲୁକ, ତିର୍ଯ୍ୟକ ପାଟନ, ବିଦ୍ୟାଧର, ଧୂପ, କୋଷ୍ଠି, କଚ୍ଛପ, ଡମ୍ବରୁ ଇତ୍ୟାଦି ମୁଖ୍ୟ।

ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ। ସେ ସୁଶ୍ରୁତ ସଂହିତା ପରି ଉତ୍ତର ତନ୍ତ୍ର ରଚନା କରିଥିଲେ। ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ରଚିତ ତାଙ୍କର ପ୍ରମୁଖ ଗ୍ରନ୍ଥ ଗୁଡ଼ିକ ହେଲା:- ୧. ଆରୋଗ୍ୟ ମଞ୍ଜରୀ, ୨. କକ୍ଷ ପୁଟାନ୍ତ ୩. ଯୋଗସାର ୪.ଯୋଗାଷ୍ଟକ ସେ ପାରଦ ଉପରେ ଅନେକ ଅନୁସନ୍ଧାନ କରି ଏହାକୁ ଭସ୍ମରେ ପରିଣତ କରିବାର ପଦ୍ଧତି ଆବିଷ୍କାର କରିଥିଲେ ଏବଂ ବିଭିନ୍ନ ଧାତୁ ମାରଣ, ଜାରଣ କରିବାର ପଦ୍ଧତି ମଧ୍ୟ ବର୍ଣ୍ଣନା କରିଥିଲେ। ତାଙ୍କର ଧାରଣା ଥିଲା ଯେ ଯଦି ଧାତୁମାନଙ୍କୁ ମାରଣ କଲାପରେ ଖିଆଯାଏ, ତେବେ ଶରୀରକୁ ସବୁବେଳେ ରୋଗମୁକ୍ତ ରଖାଯାଇପାରିବ। ନାଗାର୍ଜୁନ ଜଣେ ମହାନ ଦାର୍ଶନିକ ଥିଲେ। ତାଙ୍କର ଦର୍ଶନ ଶୂନ୍ୟବାଦ ନାମରେ ପ୍ରସିଦ୍ଧ ହେଲା। ସେ ମଧ୍ୟ ବୌଦ୍ଧ ଦର୍ଶନର ପ୍ରଥମ ପ୍ରଣେତା ଭାବେ ‘ମାଧ୍ୟମିକ ସିଦ୍ଧାନ୍ତ’ ଦର୍ଶନ ପ୍ରବର୍ତ୍ତନ କରିଥିଲେ। ସେ ହିଁ ବୈଦିକ ଦର୍ଶନ ଏବଂ ବୌଦ୍ଧ ଦର୍ଶନ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଭାରତର ଜାତୀୟ ଏକାତ୍ମତା କ୍ଷେତ୍ରରେ ଏକ ମହତ ଅବଦାନ ରଖିଥିଲେ। ବାଗ୍ମୀତା କାରଣରୁ ତାଙ୍କୁ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଯୁକ୍ତ କରାଯାଇଥିଲା। କେବଳ ଏତିକି ନୁହେଁ କାଶ୍ମୀରରେ ଅନୁଷ୍ଠିତ ଅଖିଳ ବିଶ୍ୱ ବୌଦ୍ଧ ମହାସଙ୍ଘର ସଭାପତି ମଧ୍ୟ ତାଙ୍କୁ କରାଯାଇଥିଲା। ଆନ୍ଧ୍ରପ୍ରଦେଶର କୃଷ୍ଣା ନଦୀ ଉପରେ ନିର୍ମିତ ଏକ ବିଶାଳ ବନ୍ଧକୁ ତାଙ୍କ ସ୍ମୃତିରେ ନାଗାର୍ଜୁନ ସାଗର ନାମରେ ନାମିତ କରାଯାଇଛି। ବର୍ତ୍ତମାନ ସମୟରେ ବଡ଼ ଆବଶ୍ୟକତା ହେଉଛି ରସାୟନ ଶାସ୍ତ୍ର ବା ଚିକିତ୍ସା ଶାସ୍ତ୍ର ସହ ଜଡ଼ିତ ବୈଜ୍ଞାନିକମାନଙ୍କୁ ନାଗାର୍ଜୁନଙ୍କ ରଚିତ ଗ୍ରନ୍ଥଗୁଡିକର ଗଭୀର ଅଧ୍ୟୟନ କରିବା ଦରକାର।

# ଭୂଜଳରେ ବିଷ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ–୯୪୩୭୬୪୨୯୪୭

ଗଙ୍ଗା ଜଳର ମହତ୍ତ୍ୱ ହେଉଛି ଏହାକୁ ଦୀର୍ଘ ସମୟ ଧରି ଘରେ ରଖିବା ପରେ ମଧ୍ୟ ପ୍ରଦୂଷିତ ହୁଏ ନାହିଁ, କିନ୍ତୁ ଏବେର ପରିସ୍ଥିତି ଅଲଗା କାରଣ ଗଙ୍ଗା କୂଳରେ ଥିବା ଗାଁଗୁଡ଼ିକର ହ୍ୟାଣ୍ଡପମ୍ପ, ପାଇପଲାଇନ ଇତ୍ୟାଦିରୁ ଆର୍ସେନିକ୍‌ର ମାତ୍ରା ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଫଳରେ ଚର୍ମରେ ବିଭିନ୍ନ ପ୍ରକାରର ରୋଗ, କିଡନୀ, ଯକୃତ, ହୃଦ୍ ରୋଗ, ନ୍ୟୁରୋ ସମ୍ବନ୍ଧୀୟ ରୋଗ, ମାନସିକ ଚାପ ଓ କର୍କଟ ରୋଗରେ ଅନେକ ପୀଡ଼ିତ । ଗାଙ୍ଗେୟ ସମତଳ ଅଞ୍ଚଳରେ ଆର୍ସେନିକ୍ ପାଣି ପିଇବା ଦ୍ୱାରା ପାଟନା ସମେତ ବିହାରର ୨୦ଟି ଜିଲ୍ଲା ଏବେ କର୍କଟ ରୋଗର ସମ୍ମୁଖୀନ ହେଉଛି। ପୁରୁଷଙ୍କ ତୁଳନାରେ ମହିଳାଙ୍କ ଠାରେ ଏହା ୧୦ ପ୍ରତିଶତରୁ ଅଧିକ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ମହାବୀର କ୍ୟାନସର ଇନଷ୍ଟିଚ୍ୟୁଟ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଜାପାନ ସହଯୋଗରେ ଏହାର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ଡାକ୍ତର ଅଶୋକ କୁମାର ଘୋଷ ଓ ଡାକ୍ତର ଅରୁଣ କୁମାର ଟୋକିଓ ଅଭିମୁଖେ ଯାତ୍ରା କରିଛନ୍ତି। ବିହାରର ବକ୍ସର, ସାରନ, ସମସ୍ତିପୁର, ବୈଶାଳୀ, କିଶନଗଞ୍ଜ, ଭାଗଲପୁର, କଟିହାର, ମୁଙ୍ଗେର, ପାଟନା ଆଦି ସ୍ଥାନରେ ପିତ୍ତନଳୀ କର୍କଟ ରୋଗୀଙ୍କ ଅବସ୍ଥା ଗମ୍ଭୀର ରହିଛି। ଏ ସଂକ୍ରାନ୍ତରେ ଗବେଷଣା ମାର୍ଚ୍ଚ ୧୪, ୨୦୨୩ରେ ନେଚର ଜର୍ଣ୍ଣାଲ ସାଇଣ୍ଟିଫିକ୍ ରିପୋର୍ଟରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ଦର୍ଶାଯାଇଛି ଯେ ଆର୍ସେନିକ ମାନବ ଶରୀରର ଲାଲ ରକ୍ତ କଣିକାକୁ ପ୍ରଭାବିତ କରି ପିତ୍ତଶୟରେ ପହଞ୍ଚିଥାଏ। ଦୀର୍ଘକାଳୀନ ଚିକିତ୍ସା ଅଭାବରୁ କର୍କଟ ରୋଗ ହୁଏ ଏବଂ ବାର୍ଷିକ ମୃତ୍ୟୁହାର ୩୩ ପ୍ରତିଶତ ବୃଦ୍ଧି ପାଇଥାଏ । ୧୯୮୦ ଦଶକରେ ପଶ୍ଚିମବଙ୍ଗରେ ଭୂତଳ ଜଳରେ ଆର୍ସେନିକର ଉଚ୍ଚ ସ୍ତର ପ୍ରଥମେ ଦେଖିବାକୁ ମିଳିଥିଲା। ସେହି ସମୟରେ ମାନବାଧିକାର ଆୟୋଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଲେ ଏହାକୁ ହ୍ରାସ କରିବା ଦିଗରେ କୌଣସି ଦୃଷ୍ଟି ଦିଆଯାଇନାହିଁ। ଅନେକ ଏନଜିଓ ବାରମ୍ବାର ଏହି ବିଷୟରେ ଆଲୋଚନା କରୁଛନ୍ତି ଏବଂ ଏହି ସଂଗଠନଗୁଡ଼ିକ ମଧ୍ୟ ସେମାନଙ୍କ ରିପୋର୍ଟିଂରେ ଅନେକ ଉଦାହରଣ ଉପସ୍ଥାପନ କରିଛନ୍ତି । ଇନର୍ ଭଏସ୍ ଫାଉଣ୍ଡେସନ୍ (ଆଇଭିଏଫ୍) ଅନୁଯାୟୀ, ୨୦୨୦ ସୁଦ୍ଧା ଆର୍ସେନିକ୍ ପ୍ରଦୂଷିତ ପାଣି ପିଇ ୧୦ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଶିଳ୍ପ ପ୍ରଦୂଷଣ, ଖଣି ଖନନ ଦ୍ୱାରା ଆର୍ସେନିକ୍ ଉତ୍ପାଦନ ହୋଇଥାଏ। କେବଳ ଭାରତରେ ୫ କୋଟି ଲୋକ ପ୍ରଭାବିତ ହେବେ ବୋଲି ଆକଳନ କରାଯାଇଛି। ବାଂଲାଦେଶ, ନେପାଳ, ତିବତ୍‌ର କେତେକ ଅଞ୍ଚଳରେ ଲୋକେ ଏହି ବିଷକ୍ରିୟାଦ୍ୱାରା ପ୍ରଭାବିତ ହେଉଛନ୍ତି। ଦେଶର କେତେକ ସ୍ଥାନରେ ଆର୍ସେନିକ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷିତ ମାନକ ଠାରୁ ୩୦୦ ଗୁଣ ଅଧିକ ବୃଦ୍ଧି ପାଇଛି । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗର ଏମିତି ଅନେକ ଜିଲ୍ଲା ଅଛି ଯେଉଁଠି ଆର୍ସେନିକ ପାଣି ପିଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ଏବଂ ଲୋକଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ କରାଯାଉନାହିଁ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆର୍ସେନିକ୍ ସ୍ନାୟୁ ବିଜ୍ଞାନ ଏବଂ ପ୍ରଜନନ ପ୍ରଣାଳୀକୁ ପ୍ରଭାବିତ କରେ । ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଗର୍ଭାବସ୍ଥାରେ ଶିଶୁ ଓଜନ କମ୍, ନବଜାତ ଶିଶୁଙ୍କ ମୃତ୍ୟୁ ୬ ଗୁଣ ବଢ଼ିବାର ସମ୍ଭାବନା ରହିଛି। ଆମେ ନିଜ ଚାରିପାଖରେ ଅହେତୁକ ଶିଳ୍ପ ବର୍ଜ୍ୟବସ୍ତୁ ମାଧ୍ୟମରେଏତେ ପ୍ରଦୂଷଣ ସୃଷ୍ଟି କରିଛନ୍ତି ଯେ ଭୂତଳ ଜଳରେ ଆର୍ସେନିକ୍ ମାତ୍ରା ବୃଦ୍ଧି ପାଉଛି । ଏହି ଦୂଷିତ ପାଣିକୁ ରୋଷେଇ ପାଇଁ ମଧ୍ୟ ବ୍ୟବହାର କରାଯାଉଛି, ଯାହା ଆର୍ସେନିକ ବିଷକ୍ରିୟା କୁ ବଢ଼ାଉଛି । ଅଧିକାଂଶ ଫସଲ ଦୂଷିତ ପାଣିରେ ଜଳସେଚିତ ହେଉଛି। ଚିକେନ୍, ଚାଉଳ, ଫଳ ରସ ଏବଂ କିଛି ମାଛରେ ମଧ୍ୟ ଅନେକ ମାତ୍ରାରେ ଆର୍ସେନିକ୍ ରହିଥାଏ, ଖାଦ୍ୟରେ ଏହାର ଅତ୍ୟଧିକ ବ୍ୟବହାର ଯୋଗୁଁ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ପ୍ରାକୃତିକ ଭାବେ ମାଟି ଓ ପଥରରେ ଆର୍ସେନିକ୍ ମିଳିଥାଏ, ଯାହା ଭୂତଳ ଜଳରେ ପ୍ରବେଶ କରେ। ଖଣିଜ ପଦାର୍ଥର ବିଘଟନରେ ମଧ୍ୟ ପାଣିରେ ବିଷାକ୍ତ ପଦାର୍ଥ ପ୍ରବେଶ କରିଥାଏ, କିନ୍ତୁ ପୃଥିବୀ ଗର୍ଭରେ ରାସାୟନିକ ପଦାର୍ଥ ପ୍ରବେଶ କଲେ ହିଁ ବିଷାକ୍ତ ତତ୍ତ୍ୱର ମାତ୍ରା ବଢିଥାଏ। ବୈଜ୍ଞାନିକମାନେ ଖାଦ୍ୟ ଏବଂ ଭୂତଳ ଜଳ ମାଧ୍ୟମରେ ଆର୍ସେନିକ ବିଷକ୍ରିୟା ମଧ୍ୟରେ ଏକ ସଂଯୋଗ ପାଇଛନ୍ତି, ଯାହା କୀଟନାଶକ ବ୍ୟବହାର ସହିତ ଜଡ଼ିତ। କୁହାଯାଇପାରେ ଯେ ଜୀବନଶୈଳୀରେ ପ୍ରଦୂଷଣର ବ୍ୟବହାର କରାଯାଉଛି। ଗଙ୍ଗା ଏବଂ ଏହାର ଶାଖା ନଦୀର ସ୍ୱଚ୍ଛତା ଏବଂ ନିର୍ମଳତା ପାଇଁ ବର୍ଷ ବର୍ଷ ଧରି କରାଯାଉଥିବା ପ୍ରୟାସ ଜଳ ସହିତ ପୃଥିବୀର ପେଟରେ ପହଞ୍ଚୁଥିବା ବିଷାକ୍ତ ତତ୍ତ୍ୱକୁ ରୋକିବାରେ ବିଫଳ ହୋଇଛି। ପ୍ରତିଦିନ ଗଙ୍ଗାରେ କୋଟି କୋଟି ଲିଟର ନର୍ଦ୍ଦମା ମିଶେ। ଏହାକୁ ରୋକିବାର ଉପାୟ ନ ମିଳିଲେ ଆର୍ସେନିକ୍ ଭଳି ବିଷାକ୍ତ ପଦାର୍ଥ ନିର୍ଦ୍ଧାରିତ ମାନଦଣ୍ଡଠାରୁ ଅଧିକ ପାଣିରେ ଦ୍ରବୀଭୂତ ହେବା ଜାରି ରହିବ, ଯାହା ଦ୍ୱାରା କର୍କଟ ଭଳି ରୋଗରୁ ରକ୍ଷା ପାଇବା କଷ୍ଟକର ହୋଇପଡ଼ିବ।

# ଦେବେନ୍ଦ୍ରବାବୁ ଜଣେ ଭଲ ମଣିଷ



ସତୀଶ ବିଶ୍ୱାଳ
ଭୁବନପୁର, ଧର୍ମଶାଳା,
ମୋ–୯୪୩୭୦୧୯୧୧୭

‘ସାହାଣମେଲା’। ଏହି ଶବ୍ଦଟି ଆମ ସଂସ୍କୃତି ସହ ସାମାନ୍ୟତମ ସମ୍ପର୍କ ରଖୁଥିବା ମଣିଷଟିଏ ଊଣା ଅଧିକେ ପରିଚିତ ଥିବ। ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ବଳରାମ ଦାସ ମହାଲକ୍ଷ୍ମୀ ପୁରାଣରେ ଯେଉଭଳି ସାମ୍ୟବାଦ ସପକ୍ଷରେ ନିର୍ଭିକ ଏବଂ ଚିରସ୍ଥାୟୀ ସ୍ୱର ଉଠାଇଛନ୍ତି, ସେଭଳି ସାହାଣମେଲା ଶବ୍ଦର ଭାବାର୍ଥ ବ୍ୟାପକ। ଭାବ ବିନୋଦିଆ, ଭାବଗ୍ରାହୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ନିଆରା ଦର୍ଶନର ନାମ ହେଉଛି – ‘ସାହାଣମେଲା’। ଏହି ଦର୍ଶନରେ ରାଜା ପ୍ରଜା ସମସ୍ତେ ସମାନ ଏବଂ ସମାନ ବ୍ୟବସ୍ଥାରେ ପ୍ରତିଟି ଭକ୍ତ ନିଜର ପ୍ରିୟ ଭଗବାନଙ୍କୁ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଦର୍ଶନ କରିଥାନ୍ତି। ଠିକ ସେମିତି ସେହି ଧାରାରେ ପରମପୂଜ୍ୟ ଦେବେନ୍ଦ୍ର ନାଥ ଦାଶଙ୍କ ଦ୍ୱାରା ଜନ୍ମ ନେଇଥିଲା ସମ୍ବାଦପତ୍ର ‘ସାହାଣମେଲା’।

ସାହାଣମେଲା ସଂବାଦପତ୍ରଟି ବି ସମସ୍ତଙ୍କ ପାଇଁ ମୁକ୍ତ ଥିଲା। ଗଣମାଧ୍ୟମର ମୂଳ ଧର୍ମ ପରି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ନିରପେକ୍ଷ, ନିର୍ଭିକ ସମ୍ବାଦପତ୍ରର ଗୋଟିଏ ସଂକେତ ହୋଇ ରହିଛି। ଏଥିପାଇଁ ଛୋଟ ଏକ ସମ୍ବାଦପତ୍ର ହେଲେ ବି ମୁଁ ସାହାଣମେଲା ସହ ଜଡିତ ହୋଇ ରହି ଆସିଛି। ଦେବେନ୍ଦ୍ରବାବୁ ଓ ସାହାଣମେଲା ସହ ସମ୍ପର୍କରେ ଆସିଲା ବେଳକୁ ମୁଁ ବୋଧହୁଏ ଓକଲାତି ଅଧ୍ୟୟନ କରୁଥିଲି। ସେ ସମୟରେ ବି ମୁଁ ରାଜ୍ୟର ଜଣେ ପ୍ରତିଷ୍ଠିତ ସାମ୍ବାଦିକ, ସଂଗଠକ ଓ ସମାଜସେବୀ ହୋଇଥିଲି। ହେଲେ ଦେବେନ୍ଦ୍ରବାବୁଙ୍କ ପରି ଜଣେ ଦେବପ୍ରତିମ ମଣିଷର ଆଶୀର୍ବାଦ ଓ ପ୍ରେରଣା ମୋତେ ଯେମିତି ଅପେକ୍ଷା କରି ରହିଥିଲା ଓ ଭାଗ୍ୟରେ ଲେଖାଥିଲା। ଭ୍ରଷ୍ଟାଚାର, ଦୁର୍ନିତି ବିରୋଧରେ ସାଲିସ ବିହୀନ ସଂଗ୍ରାମ, ପଛରେ ପଡି ଯାଇଥିବା ଦୁଃଖୀ ମଣିଷ ଦୁଃଖ ବୁଝିବା ଓ ସମାଧାନ ପାଇଁ ତତକ୍ଷଣାତ ହାତ ବଢାଇବା ମୋ ସାମ୍ବାଦିକତା ଜୀବନର ସବୁଠାରୁ ବଡ ପଣ। ଏ କ୍ଷେତ୍ରରେ ଦେବେନ୍ଦ୍ରବାବୁଙ୍କ ଠାରୁ ଅସମ୍ଭବ ପ୍ରେରଣା, ସହଯୋଗ ଓ ଆଶୀର୍ବାଦ ପାଇଛି।

ମୁଁ ପାଠ ପଢି ସାମ୍ବାଦିକତା ପରି କାର୍ଯ୍ୟକୁ ଆପେଣେଇବା ପଛରେ ମୋର ଗୋଟିଏ ବଡ ଧାରଣା ଥିଲା ଯେ, ସାମ୍ବାଦିକତା ଗୋଟିଏ ରୋଜଗାରର ମାଧ୍ୟମ ନୁହେଁ। ସମସ୍ତ ପ୍ରକାର ଭୁଲ କାର୍ଯ୍ୟ ବିରୋଧରେ ଲଢେଇ କରିବା ପାଇଁ ସାମ୍ବାଦିକତା ଗୋଟିଏ ବଡ ଅସ୍ତ୍ର। ଗାଁରେ ବୁଲୁଥିବା ଜଣେ ନିଶାଗ୍ରସ୍ତ ସାଧାରଣ ବ୍ୟକ୍ତି ମୋତେ ଥରେ କହିଥିଲେ ଯେ, ୱାନ ଡ୍ରପ ଅଫ ଇଙ୍କ୍, କ୍ୟାନ ଚେଞ୍ଜେସ୍ ମିଲିଅନସ ଅଫ ଥଟସ। ଏହି ଧାଡିଟି ମୋ ଉପରେ ଗଭୀର ପ୍ରଭାବ ପକାଇଥିଲା। ହେଲେ ସାମ୍ବାଦିକତା ଭିତରକୁ ପଶି ଆସିବା ପରେ କାଗଜ ବିକ୍ରି ବ୍ୟବସ୍ଥା, କାଗଜ ବିକ୍ରି ସହ ସାମ୍ବାଦିକତା ପରି ପବିତ୍ର କାର୍ଯ୍ୟକୁ ଯୋଡିଦେବା ପରେ ସମାଜର ଘୃଣିତ ବ୍ୟକ୍ତିମାନେ ବି ଖବର ଲେଖିବାର ସୁଯୋଗ ପାଇବା, ସେମାନଙ୍କ ଦ୍ୱାରା ଯେଉଁଭଳି ଢଙ୍ଗରେ ଖବର ଲେଖାଯିବା, ବିଜ୍ଞାପନ ସହ ବିଭିନ୍ନ ଲାଭ ଓ ଲୋଭ ପ୍ରସଙ୍ଗକୁ ଯୋଡି ଦିଆଯିବା ମୋତେ ବିଚଳିତ କରିଥିଲା। ସେତିକି ବେଳେ ମୁଁ ମହାତ୍ମା ଗାନ୍ଧୀଙ୍କ ସାମ୍ବାଦିକତା ଜୀବନ କଥା ମନେ ପକାଉଥିଲି। ସେ କିଭଳି ନିଜର ସମ୍ବାଦପତ୍ରକୁ ବିନା ବିଜ୍ଞାପନରେ ବଂଚାଇ ରଖିବାକୁ ଉଦ୍ୟମ କରୁଥିଲେ। କାରଣ ବିଜ୍ଞାପନ ଗ୍ରହଣ ପରେ ଗୋଟିଏ ସାମ୍ବାଦିକ ନିଜର ନିରପେକ୍ଷତା ହରାଇବାର ଯଥେଷ୍ଟ ସମ୍ଭାବନା ଥାଏ। ଏହି ଧାରାରେ ଦେବେନ୍ଦ୍ରବାବୁ କିନ୍ତୁ ବିଶ୍ୱାସ କରୁନଥିଲେ। ମନ୍ଦିର ଯେତେ ଛୋଟ ହେଉନା କାହିଁକି, ଏହାର ପବିତ୍ରତା ଓ ଆଧ୍ୟାତ୍ମିକ ବାତବରଣ ଭକ୍ତକୁ ଭଗବାନଙ୍କ ନିକଟତର କରିଥାଏ। ଠିକ ସେହିପରି ସାହାଣମେଲା ଛୋଟ କାଗଜ ହେଲେ ବି ଲାଭ ଓ ଲୋଭରୁ ମୁକ୍ତ ହୋଇ ଏହି କାଗଜଟି ଯଥା ସମ୍ଭବ ଗଣମାଧ୍ୟମର ଧର୍ମକୁ ପାଳନ କରିବାକୁ ଚେଷ୍ଟା କରିଥିଲା।

ହଁ, ଏକଥା ହୋଇପାରେ ସଂପୂର୍ଣ୍ଣ ନଗ୍ନ ହୋଇ ବୁଲିବା ଅପେକ୍ଷା ଦେହରୁ ସାମାନ୍ୟ କପଡା ଅଜାଣତରେ ହଟିଯିବାକୁ ବରାଦାସ୍ତ କରାଯାଇ ପାରେ। ସାହାଣମେଲା ; ସମ୍ବାଦପତ୍ର ନାମରେ ସ୍ୱାର୍ଥ ହାସଲ ପାଇଁ ସମ୍ବାଦପତ୍ରର ମୂଳ ଧର୍ମକୁ ଉଲଂଘନ କରିନଥିଲା। ସେ ଯେତେବେଡ ଶକ୍ତିଶାଳୀ ଲୋକ ହୋଇଥାଉ ନା କାହିଁକି ଖବରରେ ପ୍ରମାଣଯୋଗ୍ୟ ତଥ୍ୟ କିମ୍ବା ପାରିପାର୍ଶ୍ୱିକ ପରିସ୍ଥିତି ଥିଲେ, ସାହାଣମେଲା, ତାକୁ ଛାପିଛି। ଏହା କେବଳ ସାହାଣମେଲାର ତତ୍କାଳୀନ ସଂପାଦକ ଦେବେନ୍ଦ୍ର ନାଥ ଦାଶଙ୍କ ନିର୍ଭିକତା ପାଇ ସମ୍ଭବ ହୋଇଥାଏ। ଏତିକିରୁ ସାହାଣମେଲାର ନାମକରଣର ସାର୍ଥକତା କରିଥିଲେ, ଦେବେନ୍ଦ୍ରବାବୁ। ଏହା ମଧ୍ୟ ଜାଣି ରଖିବାଦରକାର ଯେ, ଖବରର ଗୁରୁତ୍ୱ ଥିଲେ ସେ ଯେତେ ଛୋଟ କାଗଜ ହେଲେ ବି ତାର ସୁଫଳ ମିଳିଥାଏ। ଏଭଳି ବହୁ ପ୍ରସଙ୍ଗ ରହିଛି, ଯାହା ଛୋଟ ଛୋଟ ପାକ୍ଷିକ କାଗଜରେ ପ୍ରକାଶ ପାଇବା ପରେ ଏହାର ସୁଫଳ ସାଧାରଣ ଜନତା, ରାଜ୍ୟ ତଥା ରାଷ୍ଟ୍ର ପାଇଛି। ଅସଲ କଥା ହେଉଛି ଏହି ପ୍ରସଙ୍ଗକୁ ବଂଚାଇ ରଖିବାକୁ ସେଭଳି ଆନ୍ତରିକତା ଓ ନିଷ୍ଠାପରତା ଉଭୟ ସାମ୍ବାଦିକ ଓ ସମ୍ପାଦକଙ୍କ ଆବଶ୍ୟକ। ଏ କ୍ଷେତ୍ରରେ ଜଣେ ସମ୍ପାଦକ ଭାବେ ଦେବେନ୍ଦ୍ରବାବୁ ଦୃଷ୍ଟାନ୍ତଯୋଗ୍ୟ ଥିଲେ।

ଏହି ମଣିଷ ଭିତରେ ପାଶବିକତା, ମାନବିକତା ଏବଂ ଦେବତ୍ୱ ଥାଏ। ନିଜର କାର୍ଯ୍ୟଧାରା ପାଇଁ ମଣିଷଟିଏ ପଶୁ ହୋଇପାରେ , ମଣିଷ ହୋଇପାରେ ଏବଂ ଦେବତା ବି ହୋଇପାରେ। ଦେବେନ୍ଦ୍ରବାବୁଙ୍କ ସହ ମିଶିବା ଦିନଠାରୁ ମୁଁ ତାଙ୍କର ପ୍ରତିଟି କଥା ଏବଂ କାର୍ଯ୍ୟରେ ଦେବତ୍ୱ ଅନୁଭବ କରିଛି। ମୁଁ କୌଣସି କ୍ଷେତ୍ରରେ ଭୁଲ କାର୍ଯ୍ୟକୁ ବରଦାସ୍ତ କରିପାରେନା। ଭୁଲ କାର୍ଯ୍ୟ କରୁଥିବା ମଣିଷକୁ ବିରୋଧ କରିବି, ନଚେତ ସେ ଜାଗା ଛାଡି ଦେବି। ସ୍ୱାର୍ଥ ପାଇଁ ଭୁଲ କାର୍ଯ୍ୟ ସହ ସାଲିସ କରିପାରେନା। ଦେବେନ୍ଦ୍ରବାବୁଙ୍କ ସହ ମୋର ଜୀବନବ୍ୟାପୀ ସମ୍ପର୍କ ରହିବାର କାରଣ ଏହି କି ଯେ, ମୁଁ ତାଙ୍କଠାରୁ ଭୁଲ କଥା ଏବଂ କାର୍ଯ୍ୟକୁ କେବେ ଅନୁଭବ କରିନାହିଁ। ମୋ ଜୀବନରେ ଏଭଳି କେତେକ ବଡ ବଡ ବନ୍ଧୁ ତଥା ମଣିଷଙ୍କୁ ସେମାନଙ୍କ ଭୁଲ କାର୍ଯ୍ୟ, ଚିନ୍ତାଧାରା ପାଇଁ ଛାଡି ନଥିଲେ ମୁଁ ଜୀବନରେ ବହୁ ବଡ ବଡ ସ୍ୱାର୍ଥ ହାସଲ କରିପାରି ଥାନ୍ତି। କର୍ମବୀର ଗୌରୀଶଙ୍କର ରାୟଙ୍କ ପରିବାରରୁ ଆସିଥିବା ବରିଷ୍ଠ ସାମ୍ବାଦିକ ତଥା ସମ୍ବାଦକଳିକାର ସଂପାଦକ ସମ୍ମାନୀୟ ଜୟାଶୀଷ ରାୟଙ୍କ ପରେ ଏଭଳି ଆନ୍ତରିକତାପୂର୍ଣ୍ଣ ଭାବ ଓ ଆବେଗ ମୁଁ ଦେବେନ୍ଦ୍ରବାବୁଙ୍କ ଠାରୁ ପାଇଥିଲି। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, ‘କାଳାନ୍ତର’ର ସଂପାଦକ ସ୍ୱର୍ଗତ ଉପେନ୍ଦ୍ର ନାୟକ ମଧ୍ୟ ଏ କ୍ଷେତ୍ରରେ ଅନୁକରଣୀୟ। ଏଭଳି ବ୍ୟକ୍ତିମାନେ ସ୍ୱାର୍ଥ ଅପେକ୍ଷା ପ୍ରକୃତ ସାମ୍ବାଦିକତା ଓ ଲେଖା ଉପରେ ଗୁରୁତ୍ୱ ଦିଅନ୍ତି। ଏହା ଉଲ୍ଲେଖ କରିବାର କାରଣ ଏହି କି, ରାଜ୍ୟରେ ଗଣମାଧ୍ୟମ ଜଗତରେ ଏଭଳି ବହୁ ଦେବଯୋଗ୍ୟ ମଣିଷ ଅଛନ୍ତି, ଯେଉଁମାନଙ୍କ ବିଷୟରେ ଏହି ଲେଖାରେ ଉପସ୍ଥାପନ କରିବା ସମ୍ଭବ ହେଉନାହିଁ। କାରଣ ଏହା ଦେବେନ୍ଦ୍ରବାବୁଙ୍କ ନେଇ ମୋର ଧାରଣା ଉପରେ କେବଳ ପର୍ଯ୍ୟବେସିତ।

କେବଳ ସାହାଣମେଲା କାହିଁକି, ଶ୍ୱେତସଂକେତ ମଧ୍ୟ ଦେବେନ୍ଦ୍ରବାବୁଙ୍କ ସହ ମୋତେ ଅଧିକ ନିବିଡ କରିଥିଲା। ସାମ୍ବାଦିକତା ସହ ସାହିତ୍ୟ ପ୍ରତି ମୋର ଶ୍ରଦ୍ଧା, ସମ୍ମାନ ଓ ଆବେଗ ରହିଛି। ସମାଜସେବା, ସାମ୍ବାଦିକତା, ସାଂଗଠନିକ କାର୍ଯ୍ୟଧାରାର ବ୍ୟସ୍ତତା ଭିତରେ ମୁଁ ମୋର ସାହିତ୍ୟ ପ୍ରୀତିକୁ ଅଣଦେଖା କରିଥିବାରୁ ଅନେକ ସମୟରେ ଦୁଃଖ କରେ। ତେବେ ଶ୍ୱେତସଂକେତରେ ମୋର କେତୋଟି ଲେଖା ପ୍ରକାଶ ପାଇଛି। ଜଣେ ସାହିତ୍ୟପ୍ରେମୀ ସଂଗଠକ ଭାବେ ଦେବେନ୍ଦ୍ରବାବୁ ଅତ୍ୟନ୍ତ ଗ୍ରହଣୀୟ। କ୍ଷୁଦ୍ର ସମ୍ବାଦପତ୍ର ଗୁଡିକର ସଂଗଠନ ଓ ଏକତା ନିହାତି ଆବଶ୍ୟକ ଥିବା ବେଳେ ଦେବେନ୍ଦ୍ରବାବୁ ମଧ୍ୟ ଏ କ୍ଷେତ୍ରରେ ନିଜର ଦୂରଦୃଷ୍ଟିକୁ ପ୍ରମାଣିତ କରିଛନ୍ତି। ଏବେ ସୋସିଆଲ ମିଡିଆର ଯୁଗରେ ଛୋଟ ସମ୍ବାଦପତ୍ରର ନିର୍ଭିକ ଖବରଟିଏ ଭାଇରାଲ ହେବା ପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିପାରୁଛି। ବଡ ବଡ ଗଣମାଧ୍ୟମରେ ଠିକ ଖବର ପ୍ରକାଶ ହେବା କ୍ଷେତ୍ରରେ ବ୍ୟାପକ କଟକଣା ଅନେକ ସମୟରେ ଗଣମାଧ୍ୟମର ନିର୍ଭିକତା ରାସ୍ତାରେ କଣ୍ଟା ହୋଇଥାଏ ବୋଲି ଅନେକ ସ୍ୱାଧୀନଚେତା ମଣିଷ ହତାସାଭାବ ପ୍ରକାଶ କରନ୍ତି। ଏ କ୍ଷେତ୍ରରେ ଛୋଟ ଗଣମାଧ୍ୟମ ବଡ ବିପ୍ଳବ ଆଣିପାରିବେ ଏବଂ ଆଣିଛନ୍ତି ମଧ୍ୟ। ଦେବେନ୍ଦ୍ରବାବୁଙ୍କର ନାଟକ ଓ ଏକାଙ୍କିକା ଦର୍ପଣ, ରାଜମାତା, ଚାତୁର୍ବର୍ଣ୍ଣ, ପ୍ରେମତାରସାଇ, ନିତ୍ୟ ବୃନ୍ଦାବନ, ଶରଣାପନ୍ନ, ତ୍ରିବେଣୀ, ମାନବିକତାର ସାଗର ତୀରେ, ପରୀକ୍ଷିତ, ଭଜୁକିନା ରାମ ନାମରେ ଗୋବିନ୍ଦ, କରମା ବାଇ, ଗଳ୍ପ ସଂକଳନ – ସଂକଳ୍ପ, ତିନିମୁଣ୍ଡିଆ ଉବାଚ, ଉପନ୍ୟାସ – ସୁ, ଧର୍ମ ପୁସ୍ତକ- ଗୀତା ତତ୍ତ୍ୱ, ଜଗନ୍ନାଥ ଯେ କ୍ଷୋଳକଳା, ଭାରତର ସାଧୁସନ୍ଥ, ପାଲା, ନିର୍ଝରଣୀ, ପ୍ରବନ୍ଧ- ଶୁଣିବା ହେଉ ସାଧୁଜନେ, କହିଲେ କହିବ କହିଲା, କବିତା ସଙ୍କଳନ- ଛନ୍ଦହୀନା, ମୁଁ ଘାଟ କରିଛି, ସ୍ୱନକ୍ଷତ୍ର-୭୫, ମାନସମନ୍ଥନ (କାବ୍ୟ), ବାର୍ତ୍ତାବହ, ଭାବବର୍ତ୍ତିକା, ଶିଶୁ ସାହିତ୍ୟ- ଫୁଲଟିଏ କଥାକହେ ଆଦି କେବଳ ମଣିଷ ପଣିଆ ଓ ଆଧ୍ୟାତ୍ମିକତା ତଥା ଧର୍ମର ବାର୍ତ୍ତା ବହନ କରେ। ହାରିଗଲେ ହରିଦାସ, ଉଡୁଛି କାଳ ଛଞ୍ଚାଣ, ଅଳକାନନ୍ଦା ପରି ସାହିତ୍ୟର ପୁସ୍ତକର ସ୍ରଷ୍ଟା ହେଉଛନ୍ତି ଦେବେନ୍ଦ୍ରବାବୁ। ସେହିପରି କଙ୍ଗୋଦ ସାହିତ୍ୟ ସମ୍ମାନ ଠାରୁ ଚଳାପଥ ବିଷୁବ ସମ୍ମାନ ପର୍ଯ୍ୟନ୍ତ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ଦେବେନ୍ଦ୍ର ବାବୁ। ମୋ ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ କଡେଇ ଗ୍ରାମରେ ଏହି ମହାନ ବ୍ୟକ୍ତି ଜନ୍ମ ହୋଇଥିବାରୁ ଜଣେ ଯାଜପୁରର ମଣିଷ ଭାବେ ମୁଁ ଗୌରବାନ୍ୱିତ।

ମଣିଷ ଶରୀର ତ୍ୟାଗ କଲାବେଳେ ସାଥୀରେ କିଛି ନେଇ ନଥାଏ। ଏମିତିକି ତାର ଶରୀର ବି ତାକୁ ଦଗା ଦେଇଥାଏ। ଆତ୍ମା ଚିରସ୍ଥାୟୀ। ମୃତ୍ୟୁ ପରେ ଆତ୍ମାରୁ ଶରୀର ଅଲଗା ହୋଇଯାଏ। ସାଥୀରେ କେବଳ ନିଜର କର୍ମ ଓ ଯଶ ଯାଇଥାଏ। ସମାଜରେ ବହୁ ବଡ ବଡ ଧନୀ ଓ କ୍ଷମତାଶାଳୀ ଲୋକ ରହିଛନ୍ତି। ତାଙ୍କର ଧନ ଓ କ୍ଷମତା ବଳରେ ତାଙ୍କୁ ଅନେକ ଭଲ କହୁଥାଇ ପାରନ୍ତି। ହେଲେ କ୍ଷମତା କିମ୍ବା ଜୀବନ ଗଲାପରେ କେହି ପ୍ରଶଂସା କରି ନଥାନ୍ତି। ଏହାର ବହୁ ଦୃଷ୍ଟାନ୍ତ ରହିଛି। ହେଲେ ଦେବେନ୍ଦ୍ରବାବୁଙ୍କର ଅନେକ ଦୁଃଖ ରହିଛି କିମ୍ବା ରହିଥାଇପାରେ। ମାତ୍ର ସେ ବାସ୍ତବ ସମ୍ପଦର ଅଧିକାରୀ। ତାହା ହେଉଛି ତାଙ୍କର ଯଶ। ଧନ ସମ୍ପଦ, କ୍ଷମତା ଓ ପ୍ରତିପତ୍ତି କେବେ ଯଶ ହୋଇନପାରେ। ମୁଁ ଯେଉଁ ଯଶର କଥା କହୁଛି, ତାହା ହେଉଛି ପ୍ରତିଟି ମଣିଷକୁ ନିଜ ପରିସରରେ ମାନବରୁ ଦେବତାର ମର୍ଯ୍ୟାଦା ଦେଇଥାଏ। ଏକାଧାରାରେ ସାହିତ୍ୟିକ, ସାମ୍ବାଦିକ, ସମ୍ପାଦକ, ନାଟ୍ୟକାର, ନିର୍ଦ୍ଦେଶକ, କବି, ଗାଳ୍ପିକ, ଧର୍ମ ପ୍ରବଚକ, ଧର୍ମଶାସ୍ତ୍ର ଲେଖକ, କଳାକାର, ପ୍ରଶାସକ, ସଂଗଠକ, ସମାଜସେବୀ ଆଦି ଏତେ ଗୁଡିକ ଗୁଣର ଅଧିକାରୀ ହେବା କଣ କମ କଥା କି ? ନିଜର ଯାବତୀୟ ଦୁଃଖ ଭିତରେ ବି ଭଲ କବି, ଭଲ ଲେଖକ, ଭଲ ସାହିତ୍ୟିକ, ଭଲ ସଂପାଦକ, ଭଲ ସାମ୍ବାଦିକ, ଭଲ ସାହିତ୍ୟ ସଂଗଠକ, ଭଲ ଗାଳ୍ପିକ ହେବା ସହ ସର୍ବୋପରି ଭଲ ମଣିଷ ହେବାର ସୌଭାଗ୍ୟ ଏବଂ ମର୍ଯ୍ୟାଦାର ଅଧିକାରୀ ଥିଲେ ଦେବେନ୍ଦ୍ରବାବୁ। କେବଳ ଏହି କାରଣରୁ ଦେବେନ୍ଦ୍ରବାବୁ ଥିଲେ ଜଣେ ଭାଗ୍ୟବାନ ମଣିଷ।

ଦେବେନ୍ଦ୍ରବାବୁଙ୍କ ଜୀବନ୍ତ ଅବସ୍ଥାରେ ତାଙ୍କର ଜୀବନୀ ନେଇ ଏକ ପୁସ୍ତକ ପ୍ରକାଶନ ପାଇଁ ସ୍ଥିର ହୋଇଥିଲା। ସେହି ପୁସ୍ତକ ପାଇଁ ଏହି ଲେଖାଟି ଗତ ତା୧୮.୧୨.୧୮ ରିଖରେ ପ୍ରସ୍ତୁତ କରି ପଠାଇଥିଲି। ହେଲେ ଦୁଃଖ ଓ ଯନ୍ତ୍ରଣାର ଜୀବନ ଭିତରେ ଦେବେନ୍ଦ୍ରବାବୁ ତାଙ୍କର ଜୀବନୀ ପୁସ୍ତକଟି ବି ଛାପି ପାରି ନଥିଲେ। ଏହି କାରଣରୁ ନିଜ ଜୀବନ ଠାରୁ ବି ଆପଣାର ‘ସାହାଣମେଲା’ ବି ତାଙ୍କ ହାତରୁ ଚାଲିଗଲା। ସାହାଣମେଲାକୁ ଛାଡିଦେବା ତାଙ୍କର ସବୁଠାରୁ ବଡ ଦୁଃଖ ଥିଲା। ଆଜି ତାଙ୍କ ପରଲୋକ ପରେ ଏହି ଲେଖାର କୌଣସି ଶବ୍ଦ ପରିବର୍ତ୍ତନ ନକରି ଉପସ୍ଥାପନ କଲି।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୫

## ଦେବବ୍ରତ ହେଲେ ଭୀଷ୍ମ-୧



ଚାରିବର୍ଷ ବିତିଗଲା । ଦିନେ ରାଜା ଶାନ୍ତନୁ ବୁଲୁଥିଲେ ଯମୁନା କୂଳରେ । ହଠାତ୍ ତାଙ୍କ ନାକ ବାରିଲା ଗୋଟେ ଅପୂର୍ବ ତଥା ସ୍ୱର୍ଗୀୟ ଗନ୍ଧ । କେଉଁଠୁ ସେ ଗନ୍ଧ ଆସୁଛି ! ଶାନ୍ତନୁ ଚାରିପଟକୁ ଘୂରିକରି ଚାହିଁଲେ । ହଁ, ଗନ୍ଧର ଉତ୍ସ ସେ ଜାଣିପାରିଲେ । ନାରୀଟିଏ, ସତେବା ସ୍ୱର୍ଗର ଅପ୍‌ସରା । ଜଣେ ଋଷି ତାକୁ ବର ଦେଇଥିଲେ ଯେ ସେ ଯୋଜନ ଯୋଜନ ଦୂରତାକୁ ଅପୂର୍ବ ଗନ୍ଧରେ ମହକେଇ ଦେବ ।

ବର୍ତ୍ତମାନ ଯମୁନା କୂଳର ସମଗ୍ର ଅରଣ୍ୟ ଭୂମିକୁ ମହକେଇ ଦେଉଥିଲା ନାରୀଟି ।

ଯେଉଁଦିନୁ ଗଙ୍ଗା ତାଙ୍କଠୁ ବିଦାୟଘେନି ଚାଲିଯାଇଥିଲେ ସେବେଠୁ ରାଜା ଶାନ୍ତନୁ ଯଥେଷ୍ଟ ସଂଯମ ଆଚରଣ କରିଛନ୍ତି । ବର୍ତ୍ତମାନ ଏହି ନାରୀଜଣକ ତାଙ୍କ ଭିତରେ ସମସ୍ତ ଶୃଙ୍ଖଳାକୁ ଭାଙ୍ଗିଦେଲା । ତାଙ୍କଠାରେ ଅନିୟନ୍ତ୍ରିତ ପ୍ରେମଭାବ ସୃଷ୍ଟିହେଲା । ସେ ପ୍ରସ୍ତାବ ଦେଲେ ନାରୀଟିକୁ ତାଙ୍କର ନାରୀ ହେବାକୁ ।

ନାରୀଟି କହିଲା- ମୁଁ ଜଣେ ଧୀବର କନ୍ୟା । ମୋର ବାପ ଧୀବର ମାନଙ୍କର ମୁଖିଆ । ଯଦି ପାରୁଛନ୍ତି, ମୋ ବାପାଙ୍କ ଆଗରେ ପ୍ରସ୍ତାବଟି ରଖନ୍ତୁ । ସେ ସମ୍ମତି ନଦେଲେ ବିଭାଘର ହୋଇପାରିବ ନାହିଁ ।

ଶାନ୍ତନୁ ଚାଲିଗଲେ ଧୀବର ବସ୍ତି । ସମସ୍ତ ବିଷୟ କହିଲେ ଧୀବର ମୁଖିଆଙ୍କୁ ।

ମୁଖିଆ ସବୁ ଶୁଣିଲେ । ସେ ଅତି ଚତୁର ବ୍ୟକ୍ତି ଥିଲେ । ପରିସ୍ଥିତି ଓ ସୁଯୋଗଟିକୁ କଳନା କରିନେଲେ । ଉତ୍ତର ଦେଲେ- ହେ ରାଜା ! ମୁଁ ସ୍ୱୀକାର କରୁଛି, ତୁମେ ମୋ ଝିଅ ପାଇଁ ଉପଯୁକ୍ତ ପାତ୍ର । ତେବେ ତୁମକୁ ଏକ ଶପଥ କରିବାକୁ ହେବ ।

"କହିବା ହୁଅନ୍ତୁ ! ଯେବେ ସାଧାରଣ ଶପଥଟିଏ ହୋଇଥିବ, ତେବେ ନିଶ୍ଚିତ କରିବି ।"- କହିଲେ ଶାନ୍ତନୁ ।

- ଯେ, ମୋ କନ୍ୟାଠୁ ଯେଉଁ ସନ୍ତାନ ଜନ୍ମହେବ, ସେ ତୁମପରେ ହସ୍ତିନାପୁରର ରାଜା ହେବ ।

ରାଜା ଶାନ୍ତନୁ ଶୁଣିଲେ ଧୀବର ମୁଖିଆଙ୍କ ସର୍ତ୍ତ । ସେ ଯଦିବା କନ୍ୟାଟିକୁ ପାଇବା ପାଇଁ ପାଗଳ ହୋଇ ଉଠିଥିଲେ, ତଥାପି ବୁଦ୍ଧି ହରେଇନଥିଲେ । ସେ ବୁଝିଗଲେ, ଶପଥ କରିବାର ଅର୍ଥ ଦେବବ୍ରତ ଭଳି ପୁଅକୁ ସିଂହାସନରୁ ବଞ୍ଚିତ କରିବା । ଦେବବ୍ରତ ଯେ ବର୍ତ୍ତମାନ ଯୁବରାଜ ! ସେ ଶପଥ ନକରି ଫେରିଆସିଲେ ହସ୍ତିନାପୁର । ମାନସିକ ଅବସାଦ ଭିତରେ ସମୟ ବିତେଇଲେ । କାହାଠୁ ପରାମର୍ଶ ଗ୍ରହଣ କରିବାର ସମ୍ଭାବନା ନଥିଲା । ତେଣୁ ନୀରବରେ ରହି କେବଳ କଷ୍ଟ ପାଇଲେ ।

ଦେବବ୍ରତ ଜାଣିଲେ ପିତା ତା'ର କୌଣସି ଗୋପନ ସମସ୍ୟା ଦ୍ୱାରା କଷ୍ଟ ପାଉଛନ୍ତି । କେଉଁ କାରଣ ହୋଇପାରେ !

ଦିନେ ରାଜାଙ୍କ ପାଖରେ ପହଞ୍ଚିଲେ ଓ କହିଲେ- ମୁଁ ଜାଣିପାରୁଛି କୌଣସି ଏକ ଗୋପନ ସମସ୍ୟା ମୋର ପିତାଙ୍କୁ କଷ୍ଟ ଦେଉଛି । କ'ଣ ସେ ସମସ୍ୟା ମୋତେ କହିବା ହୁଅନ୍ତୁ ।

ରାଜା କହିଲେ, "ପୁତ୍ର, ତୁମେ ଯାହା କହିଲ ତାହା ସତ୍ୟ । ମୁଁ ଗୋଟିଏ କଥାକୁ ଗୁରୁତ୍ୱର ସହ ଭାବୁଛି । ମୁଁ ଜାଣେ ମୋର ପୁତ୍ର ଜଣେ ବୀର ଓ ଶହେ ପୁତ୍ର ସହ ସମାନ । ତଥାପି ଗୋଟେ କଥା ମୋତେ ଅଥୟ କରୁଛି । ଧରାଯାଉ କେହି ଆମ ରାଜ୍ୟକୁ ଆକ୍ରମଣ କଲା ଓ ତୁମର କିଛି ହୋଇଗଲା, ସେତେବେଳେ ଏହି ରାଜ୍ୟର ଭାଗ୍ୟ କ'ଣ ହେବ ? ଶାସ୍ତ୍ର ମଧ୍ୟ କହନ୍ତି, ଗୋଟିଏ ମାତ୍ର ପୁଅ ଥିବା ଯାହା ପୁଅ ନଥିବା ମଧ୍ୟ ସେଇଆ । ଏହିପରି କୁଭାବନାରୁ ମୋର ଦୁଃଖ ସୃଷ୍ଟି ।" ରାଜା ସିଧାସଳଖ ସମସ୍ୟାଟି ପ୍ରକାଶ କରିବାକୁ ସଙ୍କୋଚ ବୋଧକଲେ ।

ପିତା ଖୋଲାଖୋଲି କହିଲେ ନାହିଁ ! କେମିତି ଜାଣିବି ! ନିଶ୍ଚୟ କିଛି ଗୋପନ କାରଣ ଅଛି । ଏହିପରି ଭାବି ଦେବବ୍ରତ ରାଜାଙ୍କ ରଥଚାଳକକୁ ଭେଟିଲେ । ତାଠୁ ଜାଣିବାକୁ ଚାହିଁଲେ, ରାଜା କାହାକାହାକୁ ପଥରେ ଭେଟିଛନ୍ତି । ରଥଚାଳକ କହିଲା - ଯମୁନା କୂଳରେ ରାଜା ଗୋଟିଏ ଧୀବର କନ୍ୟାକୁ ଭେଟିଥିଲେ । ସେଠୁ ଧୀବର ବସ୍ତିକୁ ରାଜା ଗଲେ । ତା'ପରେ କ'ଣ ଘଟିଛି ମୁଁ ଜାଣେନା । (କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮



# ଜଙ୍ଗଲରେ ଲକ୍ଷ୍ମୀପୂଜା

**ଜଗଦୀଶ ସାହୁ**

ମଣ୍ଡପ ହୋଇଛି ସଜା
ଜଙ୍ଗଲରେ ଲକ୍ଷ୍ମୀ ପୂଜା
ଗାଆଁ ପୋଖରୀରୁ ପଦ୍ମଫୁଲ ତୋଳି
ଆଣି ଦେବ ହାତୀ ଅଜା
ସଙ୍ଗେ ଧରି ପରିବାର
ଶାରୀ ଗୁନ୍ଥିଦେବ ହାର
ଗଳାରୁ ଚରଣ ଛୁଇଁବ ମାଆର
ଦିଶୁଥିବ ମନୋହର
ଲକ୍ଷ୍ମୀ ପୁରାଣକୁ ଘୋଷି
କୋଇଲି ଗାଇବ ହସି
ସ୍ୱର ଶୁଣି ତାର ଲକ୍ଷ୍ମୀ ଠାକୁରାଣୀ
ମନ ହୋଇଯିବ ଖୁସି
କାଉ ଦେବ ହୁଳହୁଳି
ବଗୁଲୀ ଧରିବ ପାଳି
ବିଲୁଆ ନନାଟି ବ୍ରାହ୍ମଣ ହୋଇବ
ବେକରେ ରୁଦ୍ରାକ୍ଷ ମାଳି
ଭାଲୁ ବଜେଇବ ବାଜା
ପୂଜା ଲାଗୁଥିବ ମଜା
ଗଧିଆ ଠେକୁଆ ପ୍ରସାଦ ରାନ୍ଧିବେ
ଦାୟିତ୍ୱରେ ସିଂହରାଜା ।

ସଂଜପଡା, ହିନ୍ଦୋଳ,
ଢେଙ୍କାନାଳ-୭୫୯୧୨୮

# ଗୁରୁହିଁ ପରମ ଈଶ୍ୱର

**ସୁଧାକର ରାଉତ**

ଗୁରୁ ଯେ ଦେଖାନ୍ତି ବାଟ
ଗଢନ୍ତି ସେ ଭଲ ଘଟ
ଆମର ସପନ ଯେତେ
ହୁଏ ସତ ତାଙ୍କ ହାତେ
ତାଙ୍କ ସ୍ନେହ ସର୍ବେ ପାଇ
ଜ୍ଞାନ ଚକ୍ଷୁ ଉଠେ ଚେଇଁ
ସଫଳତା ଯେତେ ଦେଇ
ଥାଆନ୍ତି ସେ ଖୁସି ପାଇ
ବ୍ରହ୍ମା, ବିଷ୍ଣୁ, ଶିବ ସିଏ
ତାଙ୍କ ପରି ଅଛି କିଏ
ଥାଉ ଆମେ ଛୋଟ ବୀଜ
ସ୍ନେହ ଜଳ ଢାଳି ନିଜ
ମହାଦ୍ରୁମ ଦ୍ୟନ୍ତି କରି
ଆପଣା ସନ୍ତାନ ପରି
ମାଟି ପିଣ୍ଡୁଳାରୁ ମୂର୍ତ୍ତି
ଗଢି ସେ ଅର୍ଜନ୍ତି କୀର୍ତ୍ତି
କରି ସେ ଅଜସ୍ର ଶ୍ରମ
ପାଳିଥାନ୍ତି ନିଜ ଧର୍ମ
ଶିଷ୍ୟଟି ତାଙ୍କର ପ୍ରାଣ
ଜୀବନେ ସିଏହିଁ ଟାଣ
ତାଙ୍କ ଦାନ ଚିନ୍ତି ହୃଦେ
ନମିବା ତାଙ୍କର ପଦେ ।

ପ୍ରତାପ ନଗରୀ, କଟକ
ମୋ- ୮୨୪୯୯୩୨୭୯୨



# ଅଭ୍ୟାସ ବଳରେ

**ନଳିନୀ ଦାଶ**



ଅଭ୍ୟାସ ବଳରେ ଆମ କୁନି ପୁଅ
କଥା ପାରୁଅଛି କହି
ଛବି ଦେଖି ଦେଖି ଚିହ୍ନି ଦେଉଅଛି
ପଢ଼ି ପାରୁଅଛି ବହି
ଅଭ୍ୟାସ ବଳରେ ଟିକିଝିଅ ରାନୀ
ଚଳାଉଛି ସାଇକେଲ
ନଷ୍ଟ କରୁନାହିଁ ସମୟକୁ କେବେ
ବୁଝିଛି ପାଠର ମୂଲ
ଆଭ୍ୟାସ ବଳରେ ଶିଶୁ ମନେରଖେ
ପାଠକୁ ଆୟତ୍ତ କରି
ବସ୍ତି ପିଲାଟିଏ ମନଦେଇ ପଢେ
ରଖଇ ଦେଶର ଶିରୀ
ଅଭ୍ୟାସ ବଳରେ ଛୋଟ ଛୁଆଟିଏ
ଗୋଡ଼ରେ ପାରୁଛି ଚାଲି
ଓଡ଼ିଆ ଭାଷାରେ କଥା କହୁଅଛି
ଗୀତ ପାରୁଅଛି ବୋଲି
ଅଭ୍ୟାସ ବଳରେ ଟିକି ଚଢ଼େଇଟି
ଆକାଶେ ପାରୁଛି ଉଡ଼ି
ଟିକିଟିକି ପାଦେ କୋମଳ ଶିଶୁଟି
ଚଢ଼ି ପାରୁଅଛି ସିଡି
ଅଭ୍ୟାସ ବଳରେ ଛୋଟ ଶିଶୁଟିଏ
ଖାତାରେ ପାରୁଛି ଲେଖି
ଭିନ୍ନ ଭିନ୍ନ ଚିତ୍ର ଆଙ୍କିଦେଇଥାଏ
ବହିରୁ ଛବିକୁ ଦେଖି
ଅଭ୍ୟାସ ବଳରେ ଶିଶୁ ଉଡ଼ାଉଛି
ନଟେଇକୁ ଧରି ଗୁଡ଼ି
ପାଠ ପଢ଼ି ସିଏ ଆକାଶ ଛୁଉଁଛି
ଉଡ଼ା ଜାହାଜରେ ଉଡ଼ି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯



# ଯବାନ ...

**ଗୋପୀନାଥ ଦାଶ**

ଖରା ବରଷା ଶୀତ କି କାକର
ସଜାଗ ଦିନ ରାତି
ଦେଶ ପାଇଁ କି ଉତ୍ସର୍ଗ ଜୀବନ
ଥଣ୍ଡା ହେଉ ବା ତାତି
ଗୁଳି, ତୋପରେ ଖେଳୁ ଥାଅ ସଦା
ଜୀବନ ଲଗାଇ ବାଜି
ଜନମ ଭୂଇଁର ଗର୍ବ ସକାଶେ
ଜାଗ୍ରତ ପ୍ରହରୀ ସାଜି
ମାଟି ମାଆର ଅମୃତ ସନ୍ତାନ
ଧନ୍ୟ ତୁମର ଜୀବନ
ପ୍ରତିକ୍ଷଣ ସୀମାରେ ଅଟଳ
ରାଷ୍ଟ୍ର ସୁରକ୍ଷାଟି ପଣ
ନିର୍ଭୟରେ ଅଛୁ ତୁମରି ସକାଶେ
ଜଗିଛ ଅନିଦ୍ରା ରହି
ଆନ୍ତରୁ ବାହାରୁ ସୁରକ୍ଷା ଦିଅ
ଦାଇତ୍ୱରେ ମଗ୍ନ ଥାଇ
ଭାବିଲେ ତୁମର ବିଜୟର ଗାଥା
ଫୁଲି ଉଠଇ ଛାତି
କୋଟି ନମସ୍କାର ବୀର ସୈନିକ
କର୍ମରେ ରହିଛ ମାତି ।

ବରପାଲି ପଡା, ବଲାଙ୍ଗିର
ମୋ-୬୩୭୧୮୦୫୦୭୦

# ସତର୍କ ହୋଇବା ନିରୋଗ ରହିବା

**ପ୍ରଫୁଲ୍ଲ କୁମାର ସାହୁ**



ଘର ଚାରିପାଖେ ଅନା ବନା ଗଛ
ଅଛି ଯେତେ ଲତା ବୁଦା,
ଆସ ଆସ ଆମେ କାଟିକୁଟି ତାକୁ
କରିବା ସଭିଏଁ ପଦା ।୧

ପୁରୁଣା ଟାୟାର ଭଙ୍ଗା ଟିଣ ଡ଼ବା
ଫୁଲ କୁଣ୍ଡେ ଜମି ପାଣି,
ମଶା ବଢାଏ ତା ବଂଶଟି ସେଠାରେ
ଏ କଥାଟି ଥାଅ ଜାଣି ।୨

ବରଷା ଦିନରେ ଏଡିଶ ମଶାଟି
ଦିନରେ କାମୁଡ଼ି ଥାଏ,
ଏହି ମଶା ଗୋଟି କାମୁଡ଼ିଲେ ଜାଣ
ଡେଙ୍ଗୁ ଜ୍ୱର ପରା ହୁଏ ।୩

ଏ ଜ୍ୱର ହୋଇଲେ ଶରୀରର ତାପ-
ବଢ଼ି ହୁଏ ମୁଣ୍ଡ ବ୍ୟଥା,
ନାଲି ଚକା ଦାଗ ଦେହେ ଫଳିଯାଏ
(ରୋଗୀ) ନ କହି ପାରଇ କଥା ।୪

ଜ୍ୱର ପ୍ରଭାବରେ ହୋଇଥାଏ ବାନ୍ତି
ଦେହଟି ଦୁର୍ବଳ ହୋଇ,
ଅବହେଳା କରି ଚିକିତ୍ସା ନ କଲେ
ଜୀବନ ଯାଏ ସେ ନେଇ ।୫

ମାଇଏନୋଫିଲିସ ମଶା କାମୁଡ଼ିଲେ
ମ୍ୟାଲେରିଆ ଜ୍ୱର ହୁଏ,
ମଶା ପାଇଁ ସିନା ହୁଏ ବାତ ଜ୍ୱର
କେତେ ଯେ ଯନ୍ତ୍ରଣା ଦିଏ ।୬

ଆସ ଆସ ଆମେ ହେବା ସଚେତନ
ପରିବେଶ ରଖି ସଫା,
ରାତିରେ ଶୋଇଲେ ମଶାରୀକୁ ଟାଣି
ଏ ରୋଗ ନଦେବ ଦେଖା ।୭

ସତର୍କ ହୋଇବା ସଚେତନ ହେବା
ସଭିଙ୍କୁ ବୁଝାଇ ଦେବା,
ନିଜ ପରିବେଶ ସଫା ରଖି ଆମେ
ନିଜେ ନିରୋଗ ରହିବା ।୮

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶକ୍ତିବିହାର/ବାଲିପଡ଼ା, ମାହାଙ୍ଗା, କଟକ-୭୫୪୨୦୭
ମୋ-୭୬୦୯୪୪୩୮୩

# ମୋ ଅଜା

**ସୁରମା ମିଶ୍ର**



ଅଜାଙ୍କୁ ମୁଁ ଦିନେ ବୁଲାଇ ନେଲି
ଚପଲ ଚଷମା ପିନ୍ଧେଇ ଦେଲି
ହାତରେ ବଙ୍କୁଲି ବାଡି ଧରାଇ
ଧିରେ ଧିରେ ନେଲି ବାଟ କଢାଇ

ଅଜାଙ୍କ ବୟସ ଗଡି ଗଲାଣି
ଚାରିକୋଡ଼ି ପାଖାପାଖି ହେଲାଣି
ତଥାପି ଅଛନ୍ତି ଭାରି ଟାଣୁଆ
ବୁଲି ଆସୁଛନ୍ତି ଗାଆଁ ରୁ ଗାଆଁ

ଅଜା ମୋର ଥିଲେରେ ଗାନ୍ଧିବାଦି
ହାତେ ସୂତାକାଟି ପିନ୍ଧନ୍ତି ଖଦି
ପରିବେଶ ସ୍ୱଚ୍ଛ ରଖିବା ପାଇଁ
ଘରି ଆଡ ସଫା କରନ୍ତି ଯାଇ

ଅଳିଆ ସବୁକୁ ଏକାଠି ନେଇ
ଗାତଖୋଳି ପୋତି ଦିଅନ୍ତି ସେହି
ଗଛତ ତାଙ୍କର ପରମ ସାଥୀ
ଚାରାକରି ସଭିଙ୍କୁ ସେ ବାଣ୍ଟନ୍ତି

ଖାଲି ଜାଗା ଦେଖି ଗଛ ଲଗାନ୍ତି
ସବୁଜ ବନାନୀ ସୃଷ୍ଟି କରନ୍ତି
ଅଜାଙ୍କ ପରି ମୁଁ ହେବିରେ ହେବି
ପରିବେଶ ସଦା ସ୍ୱଚ୍ଛ ରଖିବି

ଦିନୁ ଦିନ ବଢେ ଖରାର ତାପ
ବାୟୁ ମଣ୍ଡଳ ହେଉଛି ଦୂଷିତ
ସେଥିପାଇଁ ସାଙ୍ଗ ସାଥିଙ୍କୁ ନେଇ
ଘରି ଆଡ଼େ ଗଛ ଦେବି ଲଗାଇ

ଅଜା ମୋର ଜଣେ ଶିକ୍ଷକ ଥିଲେ
ଶିକ୍ଷା ଦାନେ ମନ ନିବେଶ କଲେ
ବହୁ ଛାତ୍ର ଛାତ୍ରୀ ସେ ଗଢି ଥିଲେ
ଆଦର୍ଶ ଶିକ୍ଷକ ନାମ ରଖିଲେ

ଅଜା ସବୁବେଳେ କହନ୍ତି ଶୁଣ
ଶିକ୍ଷା ଦାନ ଅଟେ ମହତ ଦାନ
ଏ କଥାଟି ସଦା ମନେ ରଖିବୁ
ଅଜ୍ଞାନ ଅନ୍ଧାର ଦୂର କରିବୁ

ଅଜା କହନ୍ତିରେ ନାତିଆ ମୋର
ତୁ ଯଦି ପାଖରେ ରହିବୁ ମୋର
ଶତ ସିଂହ ବଳ ପାଇବି ମୁହିଁ
କେବେ ହେଲେ ଥକି ପଡ଼ିବି ନାହିଁ ।

ବି ଏଲ ୩୯, ଭି ଏସ ଏସ
ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫



# ପ୍ରଭୁ ମୋ ଭରସା

**ସୁସ୍ମିତା ଦାସ**

ଆଖିରେ ଜଳାଇ ନିଆଁ ଗାଉଛି ସେ
ତାଣ୍ଡବର ଗାନା -
ବଙ୍ଗୋପସାଗରୁ ଆସେ ଓଡ଼ିଶାକୁ
ଭୟଙ୍କର ଦାନା,
ଉପକୂଳ ଅଞ୍ଚଳରେ ଖେଳିଯାଏ
କୋକୁଆର ଭୟ -
ନର ନାରୀ ତାକୁ ଡରି ହେଉଛନ୍ତି
ଏବେଠୁଁ ଅଥୟ,
ଅତୀତରେ ବହୁବାର ବାତ୍ୟା ଆସି
ଆଣିଛି ଦୁର୍ଦ୍ଦଶା -
ସେଥିପାଇଁ ଦାନା ପାଇଁ ଡର ଲାଗେ
ପ୍ରଭୁ ମୋ ଭରସା ।

ଯାଜପୁର, ଓଡ଼ିଶା



# 'ଦାନା' ସାଉଁଣ୍ଟେ ବଳ

**ମହେନ୍ଦ୍ର କୁମାର ଘଡ଼େଇ**

ମଝି ଦରିଆ ଭିତରୁ 'ଦାନା'
ସାଉଁଣ୍ଟେ ଦେଖ ବଳ
ଗରବେ ଆସି ଘୋର ଗର୍ଜନେ
ଭାଙ୍ଗିବ ଥଳକୂଳ
ବଉଦ ଢାଙ୍କି ଦେଇ ସୂରଯ
କିରଣ ଦେବ ନାହିଁ
ଅଥଳ ମେଘ ପବନ ଆଣି
ବୁଡେଇ ଦେବ ମହୀ !
ନିମିଷେ ଭାଙ୍ଗି ଶୁଆଇ ଦେବ
ବିରାଟ ଗଛ ଘର
ଉପକୂଳର ଓଡ଼ିଶା ଆଜି
ହୋଇବ ନାରଖାର
ଅଚଳ ହେବ ବିଜୁଳି ବତୀ
ମଟର କଳ ବଳ
ଯୋଗାଯୋଗରେ ବାଧା ଦେଇ ସେ
କରିବ ଟଳମଳ
ତା' ଗତି ବଳ କେତେ କୁଆଡ଼େ
ମାପି ପାରିନି କେହି
ଧନ ଜୀବନ ସୁରକ୍ଷା ଆଗ
ସଜାଗେ ତାକୁ ଚାହିଁ
ମାଟି ଚାଳିଆ ଘରକୁ ଛାଡ଼ି
ନିରାପଦରେ ରୁହ



ଏ ବେଳେ ଘରୁ ଗୋଡ଼ କାଢ଼ିବା
ମନୁ ପାଶୋରି ଦିଅ
ସାଇତା ଦାନା ପାଣି ଓଷଦ
ଦୁଃଖୀରଙ୍କିଙ୍କୁ ଦେବ
ଗୁଜବ ରଚି ଲୁଟିବା କାମ
ମନରୁ ପୋଛି ନେବ
ସଚେତନରେ ମନର ଦମ୍ଭ
ବିପଦ ଦେବ ଟାଳି
ତା'ପରେ ନୂଆ ଗଢ଼ିବା କାମେ
ଯିବାରେ ଆମେ ମିଳି ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ- ୯୪୩୭୭୪୦୫୬୬



ସୁଧାଂଶୁ ଶେଖର ଦ୍ୱିବେଦୀ

# ଆରୁଣି



ମହର୍ଷି ଧୌମ୍ୟଙ୍କ ଆଶ୍ରମରେ ଅନେକ ଶିଷ୍ୟ ରହି ଶିକ୍ଷା ଅର୍ଜନ କରୁଥିଲେ । ସେମାନଙ୍କ ମଧ୍ୟରେ ଆରୁଣି ନାମକ ଜଣେ ଶିଷ୍ୟ ଥାଆନ୍ତି । ମହର୍ଷି ଶିଷ୍ୟମାନଙ୍କୁ ନିଜର ପୁତ୍ର ପରି ସ୍ନେହ ଆଦର କରିବା ସହ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । ଆଶ୍ରମର ନିୟମ ଅନୁଯାୟୀ ଶିଷ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ ହୋଇଥାଏ । ସେମାନେ ଡାଳି, ଚାଉଳ, କାଠ ଆଦି ଏକତ୍ର ମିଳିମିଶି ସଂଗ୍ରହ କରିବା ସହ ନିତ୍ୟ ପ୍ରତି ଗୁରୁଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଚଳନ୍ତି । ଆରୁଣି ନିଜର ଶାନ୍ତ ସରଳ ସ୍ୱଭାବ ପାଇଁ ଗୁରୁଙ୍କର ପ୍ରିୟ ଶିଷ୍ୟ ହୋଇଥା'ନ୍ତି । ଗୁରୁଙ୍କ ଆଜ୍ଞା ତାଙ୍କପାଇଁ ପଥରରେ ଲେଖା ହୋଇଥିବା ବାକ୍ୟ ସମାନ ଥାଏ ।

ଦିନେ ସନ୍ଧ୍ୟାରେ ମୂଷଳଧାରା ବର୍ଷା ବର୍ଷୁଥାଏ । ମହର୍ଷି ଧୌମ୍ୟ ଭାବିଲେ-ଏଭଳି ବର୍ଷା ଦ୍ୱାରା କ୍ଷେତର ହିଡ ଭାଙ୍ଗି ସବୁ ଜଳ ବହିଯିବ । ଯାହାଫଳରେ ଭଲ ଫସଲ ଅମଳ ହେବ ନାହିଁ । ସେ ସଙ୍ଗେ ସଙ୍ଗେ ଆରୁଣିଙ୍କୁ ପାଖକୁ ଡାକି କହିଲେ-ଆରୁଣି ! ତୁମେ ଏହିକ୍ଷଣି କ୍ଷେତକୁ ଚାଲିଯାଅ । କ୍ଷେତରେ ଯେମିତି ହିଡ ଭାଙ୍ଗି ନଯାଏ ଧ୍ୟାନ ଦେବ । ବର୍ଷା ଜଳ କ୍ଷେତରୁ ବାହାରିଗଲେ ଭଲ ଫସଲ ହେବନାହିଁ ।

ଗୁରୁଙ୍କ ଆଜ୍ଞା ପାଇ ଆରୁଣି ସେହିକ୍ଷଣି କ୍ଷେତରେ ପହଞ୍ଚି ଦେଖନ୍ତି ତ ଗୋଟେ ସ୍ଥାନରେ ହିଡ ଭାଙ୍ଗି କ୍ଷେତରୁ ଜଳ ନିଷ୍କାସିତ ହେଉଛି । ତୁରନ୍ତ ସେ ମାଟି ଖୋଳି ହିଡ ବାନ୍ଧିବାକୁ ପ୍ରୟାସ କଲେ । କିନ୍ତୁ ଜଳର ସ୍ରୋତ ଏତେ ତୀବ୍ର ଥାଏ ଯେ ଯେତେ ମାଟି ଚେକା ପକଇଲେ ଧୋଇ ନେଉଥାଏ । ଆରୁଣି ଏହାଦେଖି ଚିନ୍ତିତ ହୋଇପଡିଲେ । ଅନ୍ୟ କୌଣସି ଉପାୟ ନପାଇ ସ୍ୱୟଂ ସେଇ ହିଡରେ ବନ୍ଧ ହୋଇ ଶୋଇ ପଡିଲେ । ଏହାଦ୍ୱାରା ଜଳର ପ୍ରବାହ ତ ଅଟକିଗଲା ହେଲେ କେତେ ସମୟ ସେଠି ସେ ଶୋଇପାରିବେ ଭାବୁଥା'ନ୍ତି । ଗୁରୁଙ୍କ ଆଜ୍ଞା ପାଳନ କରିବାକୁ ହେବ । ବର୍ଷା ସେମିତି ମୂଷଳ ଧାରାରେ ବର୍ଷୁଥାଏ । ରାତି ସାରା ସେ ସେହି ହିଡ ଘାଇରେ ଶୋଇଥା'ନ୍ତି । ବର୍ଷା ମାଡ଼ ଖାଇ ତାଙ୍କ ଶରୀରରେ କମ୍ପନ ହେବା ସହ ଶିଠୁଆ ପଡି ଯାଇଥାଏ । ତଥାପି ସେ ସେମିତି ଗୋଟେ ପଟରେ ଶୋଇଥା'ନ୍ତି । ତାଙ୍କ ମନରେ ଭୟ ଥାଏ ଯଦି ସେ କଡ ଲେଉଟାଇବେ କ୍ଷେତରୁ ଜଳ ନିଷ୍କାସିତ ହୋଇଯିବ ।

ସକାଳ ହେବା କ୍ଷଣି ମହର୍ଷି ଧୌମ୍ୟ ଆରୁଣିଙ୍କୁ ଆଶ୍ରମରେ ନପାଇ ଅନ୍ୟ ଶିଷ୍ୟଙ୍କୁ ପଚାରିଲେ । ସେମାନେ କହିଲେ-ଗୁରୁଜୀ ! ଆପଣ ଗତ କାଲି ସନ୍ଧ୍ୟାରେ ଆରୁଣିଙ୍କୁ କ୍ଷେତ ତଦାରଖ ପାଇଁ ପଠାଇଥିଲେ । ସେ ଏଯାଏ ଫେରିନାହିଁ । ଏହା ଶୁଣି ମହର୍ଷିଙ୍କୁ ଆରୁଣିର ଚିନ୍ତା ଘାରିଲା । ସାଥିରେ କେତେଜଣ ଶିଷ୍ୟଙ୍କୁ ଧରି ସଙ୍ଗେ ସଙ୍ଗେ କ୍ଷେତ ନିକଟକୁ ଚାଲିଲେ । କ୍ଷେତରେ ପହଞ୍ଚି ଦେଖିଲେ ଆରୁଣି କ୍ଷେତର ଘାଇରେ ଶୋଇ ରହିଛି । ତାଙ୍କର ଗୁରୁଭକ୍ତି ଦେଖି ସେ ଯେତେ ପରିମାଣରେ ବିସ୍ମିତ ହେଉଥା'ନ୍ତି ସେତେ ସେତେ ବିହ୍ୱଳିତ ହେଉଥାନ୍ତି । ତୁରନ୍ତ ଆରୁଣିକୁ ଉଠେଇ ଛାତିରେ ଭିଡି ଧରି ଛଳ ଛଳ ଆଖିରେ କହିଲେ-ବତ୍ସ ! ମୁଁ ତୁମ ଗୁରୁଭକ୍ତିରେ ଅତ୍ୟନ୍ତ ପ୍ରସନ୍ନ । ତୁମକୁ ଆଶୀର୍ବାଦ ଦେଉଛି ଜଗତର ସମସ୍ତ ବିଦ୍ୟା ଆପେ ଆପେ ଗ୍ରହଣ କରିନେବ । ମହର୍ଷି ଧୌମ୍ୟଙ୍କ ଆଶୀର୍ବାଦରେ ଆରୁଣି ଭବିଷ୍ୟତରେ ଜଣେ ମହାନ୍ ବିଜ୍ଞ ପୁରୁଷ ରୂପେ ଖ୍ୟାତି ଅର୍ଜନ କରିଥିଲେ ।

ବିସି-୭୪, ସଲ୍ଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨

## ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ

# ଟିମ୍ ଇଣ୍ଡିଆକୁ ଘାରିଲା ଚୂଡ଼ାନ୍ତ ଏକାଦଶ ଚୟନ ଚିନ୍ତା





**ପୁଣେ**

ଗୁରୁବାରଠୁ ଆରମ୍ଭ ହେବ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ। ମହାରାଷ୍ଟ୍ରର ପୁଣେ କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ଏହା ପୂର୍ବରୁ ଉଭୟ ଟିମ୍‌ର ଖେଳାଳିମାନେ ଜୋରଦାର ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ପ୍ରଥମ ଟେଷ୍ଟ ପରାଜିତ ହୋଇଥିବା ଟିମ୍ ଇଣ୍ଡିଆ ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବ୍ୟାକୁଳ ହୋଇଛି। ତେଣୁ ଦ୍ୱିତୀୟ ଟେଷ୍ଟରେ ଶ୍ରେଷ୍ଠ ଏକାଦଶ ନେଇ ଗ୍ରାଉଣ୍ଡକୁ ଓହ୍ଲାଇବାକୁ ଦଳ ଚିନ୍ତା କରୁଛି। ଗୋଟିଏ ପଟେ ଦୁଇ ଯୁବ ତାରକା ଶୁଭମନ ଗିଲ୍ ଓ ରିଷଭ ପନ୍ତଙ୍କ ଅଭ୍ୟାସ ଦଳକୁ ଉତ୍ସାହିତ କରିଥିବାବେଳେ ଅନ୍ୟ ପଟରେ ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ିଛି।

ଦ୍ୱିତୀୟ ଟେଷ୍ଟ ପାଇଁ ପ୍ରସ୍ତୁତ ପିଚ୍, ସ୍ଥାନୀୟ ଜଳବାୟୁ ଓ ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖିଲେ ଘରୋଇ ଦଳ ପାଇଁ ଏକାଦଶ ଚୟନ କଷ୍ଟକର ହେବ। ସିନିୟର ଖେଳାଳିଙ୍କ ଅଭିଜ୍ଞତାକୁ ଟିମ୍ ମ୍ୟାନେଜମେଣ୍ଟ ପ୍ରାଥମିକତା ଦେଉଥିବାବେଳେ ଯୁବ ଖେଳାଳିମାନେ ପ୍ରଦର୍ଶନ ବଳରେ ଦାବିଦାର ରୂପେ ଉଭା ହୋଇଛନ୍ତି।

ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ରିଷଭ ପନ୍ତ ୱିକେଟ୍ କିପିଙ୍ଗ ଓ ବ୍ୟାଟିଂ ଅଭ୍ୟାସ କରୁଥିଲେ ହେଁ ତାଙ୍କ ପ୍ରତି ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ଚାହୁଁଥିବା ଅଧିନାୟକ ରୋହିତ ଶର୍ମା ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ତେଣୁ ଦ୍ୱିତୀୟ ଟେଷ୍ଟରେ ଧ୍ରୁବ ଜୁରେଲ ଏକାଦଶକୁ ଫେରିବା ସମ୍ଭାବନା ବଢ଼ି ଯାଇଛି । ବୁଧବାର ଆୟୋଜିତ ପ୍ରଥମ ଅଭ୍ୟାସ ଶିବିରରେ ଜୁରେଲ ପ୍ରଥମେ ୱିକେଟ୍ କିପିଙ୍ଗ୍ ଅଭ୍ୟାସ କରିଥିଲେ। ନିକଟରେ ପନ୍ତ ଛିଡ଼ା ହୋଇ ତାଙ୍କୁ ବିଭିନ୍ନ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଥିଲା। ଜୁରେଲଙ୍କୁ ଦୀର୍ଘ ସମୟ ଧରି କିପିଙ୍ଗ୍ ଅଭ୍ୟାସ କରାଯାଇଥିଲା। ବ୍ୟାଟିଂ ଅଭ୍ୟାସ ବେଳକୁ ପନ୍ତ ପ୍ରଥମେ ନେଟ୍ସକୁ ଓହ୍ଲାଇଥିଲେ। ବ୍ୟାଟିଂ ବେଳେ ପନ୍ତ କୌଣସି ଯନ୍ତ୍ରଣା ଅନୁଭବ କରୁନଥିବା ସ୍ପଷ୍ଟ ହୋଇଥିଲା। ସେ ବିଶେଷ କରି ଭାରତୀୟ ଦଳର ସ୍ପିନର ଓ ନେଟ୍ (ପେସ୍) ବୋଲରଙ୍କ ବିପକ୍ଷରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ଅଭ୍ୟାସ ଶିବିର ଶେଷ ହେବାର କିଛି ସମୟ ପୂର୍ବରୁ ପନ୍ତ ସ୍ୱଳ୍ପ ସମୟ ପାଇଁ ୱିକେଟ୍ କିପିଙ୍ଗ ଅଭ୍ୟାସ କରିଥିଲେ।

ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ପାଇଁ ଦଳକୁ ଡାକରା ପାଇଥିବା ୱାସିଂଟନ ସୁନ୍ଦରଙ୍କୁ ଏକାଦଶରେ ସୁଯୋଗ ମିଳିବା ସମ୍ଭାବନା ରହିଛି। ବିଶେଷ କରି ପୁନେ ପିଚ୍ ମନ୍ଥର ରହିବ ଓ ବଲ୍ ଅତିରିକ୍ତ ଟର୍ଣ୍ଣ ହେବ। ଫିଲ୍ଡିଂ କୋଚ୍ ର୍‌ୟାନ୍ ଟେନ୍ ଡୋସେଟଙ୍କ ମତ ଅନୁଯାୟୀ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ ଏକାଦଶରେ ୪ଜଣ ବାମ ହାତି ବ୍ୟାଟର ରହିଛନ୍ତି। ପୁନେରେ ଅତିରିକ୍ତ ସ୍ପିନର ଭାବେ ମିଚେଲ ସାଣ୍ଟନର ଖେଳିଲେ ବାମ ହାତି ବ୍ୟାଟରଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇବ। ତେଣୁ ଜଣେ ଡାହାଣ ହାତି ଅଫ୍ ସ୍ପିନ ବୋଲର ଭାବେ ସୁନ୍ଦରଙ୍କୁ ଡକା ଯାଇଛି। ସୁନ୍ଦର ଶେଷ ଥର ପାଇଁ ୨୦୨୧ ମାର୍ଚ୍ଚରେ ଟେଷ୍ଟ ଖେଳିଥିଲେ। ମାତ୍ର ଗତ ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ସେ ତାମିଲନାଡୁ ପକ୍ଷରୁ ୩ନଂ ସ୍ଥାନରେ ବ୍ୟାଟିଂ କରି ୧୫୨ ରନ୍‌ର ଇନିଂସ ସହ ୬ଟି ୱିକେଟ୍ ନେଇଥିଲେ।

ବେକରେ ଯନ୍ତ୍ରଣା ଯୋଗୁଁ ପ୍ରଥମ ଟେଷ୍ଟ ଖେଳିନଥିବା ଶୁଭମନ ଗିଲ୍ ଦ୍ୱିତୀୟ ଟେଷ୍ଟ ଖେଳିବା ଏକ ପ୍ରକାର ନିଶ୍ଚିତ। ଗିଲ୍ ଇତି ମଧ୍ୟରେ ଫିଟ୍ ହୋଇ ଅଭ୍ୟାସ ଆରମ୍ଭ କରିଛନ୍ତି। ତଥାପି ତାଙ୍କୁ ବିଦ୍ଧିବଦ୍ଧ ଭାବେ ଫିଟ୍ ଘୋଷଣା କରାଯାଇନାହିଁ। ସେ ଫିଟ୍ ଘୋଷିତ ହେଲେ ଏକାଦଶରେ ପ୍ରବେଶ କରିବା ନିଶ୍ଚିତ। ତେଣୁ ପ୍ରଥମ ଟେଷ୍ଟ ଖେଳିଥିବା ସର୍ଫରାଜ ଖାନ ଓ ଫର୍ମ ହରାଇଥିବା କେଏଲ୍ ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦିଆଯିବ। ସର୍ଫରାଜ ପ୍ରଥମ ଟେଷ୍ଟରେ ଶତକୀୟ ଇନିଂସ ଖେଳିଥିଲେ ହେଁ ଅଭିଜ୍ଞ ରାହୁଲଙ୍କ ପାଇଁ ଏକାଦଶରେ ସ୍ଥାନ ସୁରକ୍ଷିତ କରିବା କଷ୍ଟକର। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଗିଲ୍ ଅପରାଜିତ ୧୧୯ ରନ୍‌ର ଇନିଂସ ଖେଳିଥିଲେ।

## ଆଇସିସି ର୍‌ୟାଙ୍କିଂ : କୋହଲିଙ୍କୁ ପଛରେ ପକାଇଲେ ପନ୍ତ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ୱିକେଟକିପର ବ୍ୟାଟ୍ସମ୍ୟାନ ରଷଭ ପନ୍ତ ପୁଣିଥରେ ଫର୍ମକୁ ଫେରିଛନ୍ତି। ବାଲାଂଦେଶ ବିପକ୍ଷ ଟେଷ୍ଟରେ ଶତକ ଲଗାଇବା ପରେ ଏବେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ଜବରଦସ୍ତ ଇନିଂସ ଖେଳିଛନ୍ତି। ସେ ଶତକ କରିବାରୁ ବଞ୍ଚିତ ହୋଇଥିଲେ ହେଁ ସଦ୍ୟ ଜାରି ହୋଇଥିବା ଆଇସିସି ର୍‌ୟାଙ୍କିଂରେ ସେ ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି। ପନ୍ତ ବ୍ୟାଟିଂ ର୍‌ୟାଙ୍କିଂରେ ୬ଷ୍ଠ ସ୍ଥାନକୁ ଆସିଛନ୍ତି। ସେ ବିରାଟଙ୍କ ଠାରୁ ୨ ସ୍ଥାନ ଉପରେ ରହିଛନ୍ତି। ବିରାଟ ଏବେ ୮ମ ସ୍ଥାନରେ ଅଛନ୍ତି। ଯଶସ୍ୱୀ ଜୈସ୍ୱାଲ ଭାରତର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପାଲଟିଛନ୍ତି, ଯିଏକି ୪ର୍ଥ ସ୍ଥାନରେ ଅଛନ୍ତି। ତେବେ ପନ୍ତଙ୍କୁ ନେଇ ମଧ୍ୟ ଅନ୍ୟ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆଇପିଏଲ୍ ୨୦୨୫ ଅକ୍ସନ ପୂର୍ବରୁ ରିଟେସନ ତାରିଖ ନିକଟତର ହେଉଥିବା ବେଳେ ପନ୍ତଙ୍କୁ ଆରସିବି କିଣିବାକୁ ଇଚ୍ଛା ରଖିଛି। ରିପୋର୍ଟ ମୁତାବକ ଚଳିତ ସିଜନରେ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ନ ହୋଇ ଅକ୍ସନକୁ ଆସିପାରନ୍ତି। ଯଦି ଏପରି ହୁଏ ତେବେ ଅନେକେ ଟିମ୍ ତାଙ୍କୁ କିଣିବାକୁ ଇଚ୍ଛା କରିବେ। ପନ୍ତ ବାଙ୍ଗାଲୋର ଟେଷ୍ଟରେ ଆହତ ହୋଇଥିଲେ। ସେ ଦ୍ୱିତୀୟ ଇନିଂସରେ ୱିକେଟକିପିଂ କରିପାରି ନ ଥିଲେ। ହେଲେ ସେ ପରେ ବ୍ୟାଟିଂ ଲାଗି ଓହ୍ଲାଇ ଜବରଦସ୍ତ ଇନିଂସ ଖେଳିଥିଲେ। ସେତେବେଳେ ସେ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିଲେ। ଏବେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଖବରଦାତା ସମ୍ମିଳନୀ କରି ସେ ଫିଟ୍ ଥିବା କହିଛନ୍ତି। ଏପରିକି ସେ ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ୱିକେଟକିପିଂ କରିବେ ବୋଲି କହିଛନ୍ତି।

## ଟି-୨୦ରେ ସବୁଠୁ ବଡ଼ ସ୍କୋର କରି ଇତିହାସ ରଚିଲା ଜିମ୍ବାୱେ



**ନୂଆଦିଲ୍ଲୀ**

ଟି-୨୦ ଅର୍ନ୍ତଜାତୀୟ କ୍ରିକେଟ୍ ଇତିହାସରେ ଜିମ୍ବାୱେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ବଡ଼ ବଡ଼ ଟିମ୍ ଯାହା କରିପାରି ନାହାନ୍ତି, ତାହା କରି ଦେଖାଇଛି ଜିମ୍ବାୱେ। ଟି-୨୦ ଇଣ୍ଟରନ୍ୟାସନାଲରେ ଗୋଟିଏ ଟିମ୍ ଦ୍ୱାରା ୩୦୦ରୁ ଅଧିକ ରନ୍ କରିବା ଯେକୌଣସି ଟିମ୍ ପାଇଁ ଏକ ସ୍ୱପ୍ନ, କିନ୍ତୁ ଏହାକୁ ବାସ୍ତବ କରି ଦେଖାଇଛି ଜିମ୍ବାୱେ। ଟି-୨୦ ଅର୍ନ୍ତଜାତୀୟ କ୍ରିକେଟରେ ସବୁଠୁ ବଡ଼ ସ୍କୋର କରିବାର ରେକର୍ଡ ଜିମ୍ବାୱେ ନିଜ ନାଁରେ କରିଛି । ଗାମ୍ବିଆ ବିପକ୍ଷ ଟି-୨୦ ମ୍ୟାଚ୍‌ରେ ଜିମ୍ବାୱେ ବିସ୍ଫୋରକ ବ୍ୟାଟିଂ କରି କେବଳ ୪ ୱିକେଟ୍ ହରାଇ ୩୪୪ ରନ୍ କରିଛି।

ଗାମ୍ବିଆ ବିପକ୍ଷ ମ୍ୟାଚ୍‌ରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୩୪୪ ରନ୍ କରିଛି । ଏହା ପୂର୍ବରୁ ଟି-୨୦ ଇଣ୍ଟରନ୍ୟାସନାଲ୍‌ରେ କେବଳ ଥରେ ହିଁ କୌଣସି ଟିମ୍ ୩୦୦ ରନ୍ ଅତିକ୍ରମ କରିଥିଲା । ୨୦୨୩ ମସିହାରେ ମଙ୍ଗୋଲିଆ ବିପକ୍ଷରେ ନେପାଳ ୩୧୩ ରନ୍ କରିଥିଲା। ଏହା ଏକ ଅତୁଟ ରେକର୍ଡ ହୋଇ ରହିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଜିମ୍ବାୱେ ଏହି ରେକର୍ଡକୁ ଭାଙ୍ଗି ଦେଇଛି। ଏହି ମ୍ୟାଚ୍‌ରେ ଜିମ୍ବାୱେର ତିନି ଜଣ ବ୍ୟାଟର ଅର୍ଦ୍ଧଶତକ ଏବଂ ଜଣେ ବ୍ୟାଟର ଶତକ ମାରିଛନ୍ତି।

ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା କେବଳ ୪୩ ବଲ ଖେଳି ୩୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍ ସହ ୧୩୩ ରନ୍ କରିଛନ୍ତି। ସିକନ୍ଦର ରାଜାଙ୍କ ଏହି ଇନିଂସରେ ୧୫ ଛକା ଏବଂ ୭ ଚୌକା ରହିଛି। ସେ ଶେଷ ଯାଏ ଅପରାଜିତ ରହିଥିଲେ। ମାରୁମାନୀ ୬୨ ରନ୍, ବେନେଟ୍ ୫୦ ରନ୍, କାଲିଭ ମାଣ୍ଡାଣ୍ଡେ ୫୫ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଜିମ୍ବାୱେ ଇନିଂସରେ ମୋଟ ୨୭ ଛକା ମାରିଛି, ଯାହା ଟି-୨୦ ଇଣ୍ଟରନ୍ୟାସନାଲ୍ କ୍ରିକେଟରେ ଏକ ରେକର୍ଡ। ଜିମ୍ବାୱେ ବ୍ୟାଟର ଗାମ୍ବିଆର ମୁସା ଯୋବାର୍ଥେଙ୍କ ୪ ଓଭରରେ ୯୩ ରନ୍ କରିଛନ୍ତି।

## ଖରାପ ପ୍ରଦର୍ଶନ ପାଇଁ ଆଇପିଏଲ ୨୦୨୫ରେ ରାହୁଲଙ୍କ ହାତ ଛାଡ଼ିବ ଏଲଏସଜି !

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର କେ.ଏଲ୍ ରାହୁଲ ଭଲ ପ୍ରଦର୍ଶନ କରି ଟିମ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। କିନ୍ତୁ ସେ କିଛି ମାସ ହେଲାଣି ଭଲ ଫର୍ମରେ ନାହାନ୍ତି। ବିଭିନ୍ନ ମ୍ୟାଚରେ ତାଙ୍କୁ ସୁଯୋଗ ମିଳୁଥିଲେ ବି ସେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଏମଧ୍ୟରେ ରାହୁଲଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ଆସିଛି।

କୁହାଯାଉଛି ଯେ, ଲକ୍ଷ୍ନୌ ସୁପର ଜିଆଣ୍ଟସ୍ (ଏଲଏସଜି) ରାହୁଲଙ୍କୁ ଆଇପିଏଲ ୨୦୨୫ରେ ଆଉ ସୁଯୋଗ ଦେବ ନାହିଁ। ଅର୍ଥାତ୍ ଆଇପିଏଲ ୨୦୨୫ରେ ଏଲଏସଜିରୁ ବାଦ୍ ପଡ଼ିବେ ରାହୁଲ। ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ ଦଳଗୁଡିକ 'ରିଲିଜ୍ ଆଣ୍ଡ ରିଟେନ' ତାଲିକା ପ୍ରକାଶ କରନ୍ତି। କୁହାଯାଉଛି ଯେ, ଏଲଏସଜି 'ରିଲିଜ୍ ଆଣ୍ଡ ରିଟେନ' ସୂଚୀ ଜାରି କରି ରାହୁଲଙ୍କୁ ରିଲିଜ୍ କରୁଥିବା ଘୋଷଣା କରିବ।

ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଏଲଏସଜିର ପରିଚାଳନା କମିଟି କେ.ଏଲ୍ ରାହୁଲଙ୍କ ପ୍ରଦର୍ଶନ ଉପରେ ଖୁସି ନାହାନ୍ତି। ରାହୁଲ ଗତ ତିନି ସିଜିନ ପାଇଁ ଦଳର ଅଧିନାୟକ ଥିଲେ। କିନ୍ତୁ ତାଙ୍କ ଷ୍ଟ୍ରାଇକ୍ ହାର ଭଲ ନଥିବାରୁ ମ୍ୟାନେଜମେଣ୍ଟ ଖୁସି ନଥିବା କୁହାଯାଉଛି। ଏବେ ଏହି ଦଳର ମେଣ୍ଟର ଅଛନ୍ତି ଜହିର ଖାନ ଓ କୋଚ୍ ଅଛନ୍ତି ଜଷ୍ଟିନ୍ ଲେଙ୍ଗର । ରାହୁଲଙ୍କ ପ୍ରଦର୍ଶନକୁ ନେଇ ଉଭୟେ ଅନେକ ଆଲୋଚନା କରିଛନ୍ତି। ଗତ ସିଜିନରେ ଏଲଏସଜିର ପ୍ରଦର୍ଶନ ବିଶେଷ ଭଲ ନଥିଲା। ଏହି ସବୁ କାରଣରୁ ରାହୁଲ ବର୍ତ୍ତମାନ ଦଳରୁ ବାଦ୍ ପଡ଼ିପାରନ୍ତି ବୋଲି କୁହାଯାଉଛି।

## ଗୁଜୁରାଟ ଟାଇଟାନ୍ସର ମୁଖ୍ୟ ପ୍ରଶିକ୍ଷକ ହେବେ ପାର୍ଥିବ ପଟେଲ !



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲଙ୍କ ବିଷୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସେ ଖୁବ୍‌ଶୀଘ୍ର ପାକିସ୍ତାନ କ୍ରିକେଟ ଦଳର ବର୍ତ୍ତମାନର ହ୍ୱାଇଟ-ବଲ୍ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରି କିର୍ଷ୍ଟେନଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ଗ୍ୟାରି କିର୍ଷ୍ଟେନ ଆଇପିଏଲ୍‌ର ଶେଷ ସିଜିନ ପର୍ଯ୍ୟନ୍ତ ଗୁଜୁରାଟ ଟାଇଟନ୍ସର ବ୍ୟାଟିଂ ପ୍ରଶିକ୍ଷକ ତଥା ପରାମର୍ଶଦାତା ଥିଲେ। କିନ୍ତୁ ସେ ଗୁଜୁରାଟ ଦଳ ଛାଡ଼ି ପାକିସ୍ତାନ କ୍ରିକେଟ ଟିମ୍‌ର ହ୍ୱାଇଟ୍ ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ହେବାକୁ ନିଷ୍ପତ୍ତି ନେଇଥିଲେ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ପାର୍ଥିବ ପଟେଲ ଗୁଜୁରାଟ ଟାଇଟାନ୍ସ ଦଳରେ ଗ୍ୟାରି କିର୍ଷ୍ଟେନଙ୍କ ସ୍ଥାନ ନେବେ। ଏକ ରିପୋର୍ଟ ଅନୁଯାୟୀ ଗୁଜୁରାଟ ଟାଇଟାନ୍ସ ଦଳ ପାର୍ଥିବ ପଟେଲଙ୍କୁ ବଡ଼ ଦାୟିତ୍ୱ ଦେବାକୁ ଯାଉଛି। ସେ ଗୁଜୁରାଟ ଟାଇଟାନ୍ସର ବ୍ୟାଟିଂ ମେଣ୍ଟର ହୋଇପାରନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଆଶିଷ ନେହେରାଙ୍କ ନେତୃତ୍ୱାଧିନ ସହଯୋଗୀ ଷ୍ଟାଫ୍‌ଙ୍କ ମଧ୍ୟରେ ପଟେଲ ଯୋଗଦେବେ। ଆଇପିଏଲ ୨୦୨୨ ପରଠାରୁ ଗ୍ୟାରି କିର୍ଷ୍ଟେନ ଏହି ଦଳ ସହିତ ଜଡିତ ଥିଲେ। ଏହି ଅବଧି ମଧ୍ୟରେ, ଗୁଜୁରାଟ ଦଳ ମଧ୍ୟ ୨୦୨୨ ମସିହାରେ ଟାଇଟଲ ଜିତିଥିଲା। କିନ୍ତୁ ଚଳିତ ବର୍ଷ ସେ ପାକିସ୍ତାନ ଦଳ କୋଚ୍ ହେବାକୁ ନିଷ୍ପତ୍ତି ନେଇଥିଲେ।

ଗୁଜୁରାଟ ସହିତ ପାର୍ଥିବ ପଟେଲଙ୍କର ମଧ୍ୟ ଏକ ବିଶେଷ ସଂଯୋଗ ରହିଛି। ବାସ୍ତବରେ ସେ ଖେଳ ଖେଳ ସମୟରେ ଘରୋଇ କ୍ରିକେଟରେ ଗୁଜରାଟର ପ୍ରତିନିଧିତ୍ୱ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୨୦୧୬-୧୭ ସିଜନରେ ରଣଜୀ ଟ୍ରଫି ଫାଇନାଲରେ ମୁମ୍ବାଇକୁ ପରାସ୍ତ କରି ରାଜ୍ୟ ଦଳକୁ ଏହାର ପ୍ରଥମ ଟାଇଟଲ ଦେଇଥିଲେ। ଏଥି ସହିତ ପାର୍ଥିବ ପଟେଲ ଟିମ ଇଣ୍ଡିଆ ପାଇଁ ତିନୋଟି ଫର୍ମାଟରେ ଖେଳିଛନ୍ତି। ପାର୍ଥିବ ୨୦୦୨ ମସିହାରେ ତାଙ୍କର ପ୍ରଥମ ଆନ୍ତର୍ଜାତୀୟ ଟେଷ୍ଟ ଖେଳିଥିଲେ, ଯେତେବେଳେ ସେ ଭାରତ ପାଇଁ ଟେଷ୍ଟ ଖେଳିଥିବା ସର୍ବ କନିଷ୍ଠ ଉଇକେଟକିପର ହୋଇଥିଲେ।

ପଟେଲ ତାଙ୍କ ୧୮ ବର୍ଷର କ୍ୟାରିୟରରେ ଭାରତ ପାଇଁ ୨୫ଟି ଟେଷ୍ଟ, ୩୮ଟି ଓଡିଆଇ ଆନ୍ତର୍ଜାତୀୟ ଏବଂ ଦୁଇଟି ଟି-୨୦ ଅନ୍ତର୍ଜାତୀୟ ଖେଳିଥିଲେ। ଏହା ବ୍ୟତୀତ, ସେ ୨୦୨୦ ପର୍ଯ୍ୟନ୍ତ ଖେଳାଳି ଭାବରେ ଆଇପିଏଲର ଏକ ଅଂଶ ରହିଲେ। ସେ ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିଥିଲେ। ଏହା ବ୍ୟତୀତ ସେ ସନରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଭଳି ଦଳର ମଧ୍ୟ ଅଂଶ ଥିଲେ। ପାର୍ଥିବ ପଟେଲ ଡିସେମ୍ବର ୨୦୨୦ ରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ। କିଛି ସମୟ ଧରି ସେ ଜଣେ ସମୀକ୍ଷକ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ୱାର୍ଣ୍ଣରଙ୍କ ବଡ଼ ଘୋଷଣା : ଭାରତକୁ ହରାଇବା ଲାଗି ସନ୍ନ୍ୟାସରୁ ନେଇପାରନ୍ତି ୟୁ-ଟର୍ଣ୍ଣ



**ନୂଆଦିଲ୍ଲୀ**

ପ୍ରାୟ ମାସକ ପରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ୧୦ ବର୍ଷ ଧରି ପରାଜିତ ହୋଇ ଆସୁଥିବାରୁ ଏହି ସିରିଜରେ ଅଷ୍ଟ୍ରେଲିଆ ଜିତିବା ଲାଗି ଆଶା ବାନ୍ଧିଛି। ଏହାକୁ ନେଇ ପ୍ୟାଟ୍ କମିନ୍ସଙ୍କ ସମେତ ଟିମ୍‌ର ଅନ୍ୟ ଖେଳାଳିମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏସବୁ ମଧ୍ୟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବା ଡେଭିଡ ୱାର୍ଣ୍ଣର ଭାରତକୁ ହରାଇବା ନିମନ୍ତେ ବଡ଼ ଘୋଷଣା କରିଛନ୍ତି। ଯଦି ଭାରତକୁ ହରାଇବା ଲାଗି ତାଙ୍କର ଆବଶ୍ୟକତା ପଡେ ତେବେ ସେ ସନ୍ନ୍ୟାସରୁ ଓହରି ପୁଣି ଖେଳିବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

ଲଗାତାର ୪ ଥର ବର୍ଡର ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆକୁ ହରାଇଛି ଭାରତ। ଏହି ସମୟରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆକୁ ୨ ଥର ଭାରତ ଏବଂ ୨ ଥର ଘରୋଇ ମାଟିରେ ହରାଇଛି। ଏହି ପରାଜୟକୁ ନେଇ ପୂରା ଟିମ୍ ଜୋର ଲଗାଉଛନ୍ତି। ଟେଷ୍ଟ ଟିମ୍ ଅଧିନାୟକ କମିନ୍ସ ଭାରତକୁ ହରାଇବା ଲାଗି କଳ ବଳ କୌଶଳ ଆପଣାଇବାକୁ ଚାହୁଁଛନ୍ତି। ଏବେ ସେମାନଙ୍କ ଚିନ୍ତା ଦୂର କରିବା ଲାଗି ପୋଡକାଷ୍ଟ ଜରିଆରେ ୱାର୍ଣ୍ଣର ବଡ ବାର୍ତ୍ତା ଦେଇଛନ୍ତି। ଗୋଟିଏ କଲ୍‌ରେ ସେ ସିରିଜ୍ ଖେଳିବାକୁ ଉପଲବ୍ଧ ହୋଇଯିବେ ବୋଲି କହୁଛନ୍ତି।

ନଭେମ୍ବର ୨୨ରେ ଖେଳାଯିବାକୁ ଥିବା ଏହି ସିରିଜ ପୂର୍ବରୁ ୱାର୍ଣ୍ଣର କହିଛନ୍ତି, ଅଷ୍ଟ୍ରେଲିଆ ଟିମ୍ ଫେବୃଆରୀ ପରେ କେବଳ ଗୋଟିଏ ଟେଷ୍ଟ ଖେଳିଛି। ଅର୍ଥାତ ମୋର ପ୍ରସ୍ତୁତି ତାଙ୍କ ଭଳି ରହିଛି। ଯଦି ବାସ୍ତବରେ ଏହି ସିରିଜ୍ ଲାଗି ମୋର ଆବଶ୍ୟକତା ରହିଛି ତେବେ ମୁଁ ପ୍ରସ୍ତୁତି ଆରମ୍ଭ କରିଦେବି। ଉଚିତ କାରଣ ଯୋଗୁ ସନ୍ନ୍ୟାସ ନେଇଛି। ଏବେ ଏହାକୁ ଶେଷ କରିବାକୁ ଚାହୁଁଛି। ଯଦି ସେମାନଙ୍କୁ କାହାର ଆବଶ୍ୟକତା ଥିବ ତେବେ ମୁଁ ପ୍ରସ୍ତୁତ। ପଛକୁ ହଟିବି ନାହିଁ ବୋଲି ସେ କହିଛନ୍ତି। ତେବେ ସେ ଚଳିତ ବର୍ଷ ଜାନୁଆରୀରେ ପାକିସ୍ତାନ ବିପକ୍ଷରେ ଅନ୍ତିମ ମ୍ୟାଚ୍ ଖେଳି ଅବସର ଘୋଷଣା କରିଥିଲେ।

## ଇଷ୍ଟ୍ ବେଙ୍ଗଲ୍‌କୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର**

ଚଳିତ ଆଇଏସ୍‌ଏଲ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ଦ୍ୱିତୀୟ ବିଜୟ ପାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୨-୧ ଗୋଲ୍‌ରେ ଇଷ୍ଟ୍‌ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ୨୨ତମ ମିନିଟ୍‌ରେ ଇସାକ୍ ରାଲ୍‌ଟେଙ୍କ ପାସ୍‌କୁ ରୟ କ୍ରିଷ୍ଣ ଗୋଲ୍‌ରେ ପରିଣତ କରି ଓଡ଼ିଶାକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ହେଲେ ପ୍ରଥମାର୍ଦ୍ଧର ଇନ୍‌ଜ୍ୟୁରି ସମୟରେ ଓଡ଼ିଶା ଏଫ୍‌ସିର ପେନାଲ୍‌ଟି ଅଞ୍ଚଳରେ ଥୋଇବା ସିଂହ ହ୍ୟାଣ୍ଡ ବଲ୍ କରିବାରୁ ୟେଲୋ କାର୍ଡ ପାଇଥିଲେ। ଏଥସହ ଇଷ୍ଟ୍‌ବେଙ୍ଗଲ୍‌କୁ ପେନାଲ୍‌ଟି ସଟ୍ ମିଳିଥିଲା। ଯାହାକୁ ଦିଆମନ୍ତାକୋସ ଦିମିତ୍ରିଓସ୍ (୪୫+୪ ମିନିଟ୍) ସଫଳତାର ସହ ଗୋଲ୍‌ରେ ପରିଣତ କରି ପ୍ରଥମାର୍ଦ୍ଧରେ ସ୍ଥିତି ସମାନ ରଖିଥିଲେ।

ମ୍ୟାଚ୍‌ର ୬୯ତମ ମିନିଟ୍‌ରେ ପ୍ରଭାତ ଲାକ୍ରା ଫାଉଲ୍ ମାରି ୟେଲୋ କାର୍ଡ ପାଇଥିଲେ ଏବଂ ଓଡ଼ିଶା ଏଫ୍‌ସିକୁ ଫ୍ରିକିକ୍ ମିଳିଥିଲା।

ଏହାକୁ ଅହମଦ ଜହାଉ ସୁନ୍ଦର ଭାବେ ଇଷ୍ଟ୍‌ବେଙ୍ଗଲ ଗୋଲ୍ ପୋଷ୍ଟର ଡାହାଣ ପଟକୁ ମାରିଥିଲା ବେଳେ ଏହାକୁ ମେଡର୍ଡା ଫଲ୍ (୬୯ତମ ମିନିଟ୍) ହେଡରରେ ଗୋଲ୍ ଦେଇ ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ। ୭୬ତମ ମିନିଟ୍ ?ରେ ପ୍ରବୋଧ ପୁଣି ଫାଉଲ୍ ମାରିବାରୁ ଦ୍ୱିତୀୟ ୟେଲୋ କାର୍ଡ (ରେଡ୍ କାର୍ଡ) ପାଇ ପଡ଼ିଆରୁ ବିଦା ହୋଇଥିଲେ। ଫଳରେ ଶେଷ ପର୍ଯ୍ୟନ୍ତ ଇଷ୍ଟ୍‌ବେଙ୍ଗଲ ୧୦ଜଣଙ୍କୁ ନେଇ ଖେଳିଥିଲା। କିନ୍ତୁ ଏଥିରୁ ଫାଇଦା ଉଠାଇ ନପାରି ଘରୋଇ ଦଳ ୨-୧ ଗୋଲ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ଏଥିସହ ଓଡ଼ିଶା ଏଫ୍‌ସି ଚଳିତ ଋତୁରେ ୫ ମ୍ୟାଚ୍ ଖେଳି ୨ ବିଜୟ, ୧ ଅମୀମାଂସିତ ଏବଂ ୨ ପରାଜୟରୁ ୭ ପଏଣ୍ଟ ପାଇ ତାଲିକାର ସପ୍ତମକୁ ଉଠିଛି। ଅନ୍ୟପକ୍ଷରେ ଇଷ୍ଟ୍‌ବେଙ୍ଗଲ ୬ରୁ ୬ ମ୍ୟାଚ୍‌ରେ ପରାଜିତ ହୋଇଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
**Mail i.d seccbbsr@gmail.com**
**E-procurement Short Tender Call Notice No.09 of 2024-25**
B-497

No. (Estg.) Bhubaneswar the 22nd October-2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for two number road works to be received in online bidding, double cover system for Improvement works as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 28.10.2024 to 4.00 P.M of 06.11.2024.** The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 06.11.2024** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd/-Er.M.R. Behera
Chief Construction Engineer
Central (R&B) Circle, Bhubaneswar

OIPR-34156/11/0007/2425



**GOVERNMENT OF ODISHA, "e "- PROCUREMENT NOTICE**
**Bid Identification No. E.E. GTN (R&B) -11/2024-25**
**E-mail address- eeghatagaon2015@gmail.com**
**Letter No.7593 dt.17.10.2024**
B-466

1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Double Cover/Single Cover** system in online mode from the eligible contractor for Building/ Composite works as mentioned below.
2. Nature of the work: - Building Work (Composite)
3. Numbers of work - 25 (Twenty Five) Nos.
4. Estimated cost: - Rs.16.86 lakhs to Rs.76.41 Lakhs (Approx.)
5. Period of completion - 02 & 03 (Two and Three Calendar Months)
6. Date & Time of availability of bid document in the portal- **From 11.30 A.M of dt.28.10.2024 to 05.00 P.M of dt.04.11.2024**
7. Last Date/ Time for receipt of bids in the portal - **05.00 P.M of dt.04.11.2024**
8. Date of opening of Bid - **11.00 A.M of dt.05.11.2024**
9. Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the same website only.

Sd/-H.K. Panda dt.17.10.2024
Executive Engineer
Ghatagaon(R&B) Division

OIPR-34140/11/0006/2425



**Government of Odisha "e" Procurement Notice**
**Bid Identification No.04 of 2024-25**
O-480

| | | |
|---|---|---|
| 1 | Number of Works : | **Building Works** |
| 2 | Estimated Cost (**Aprox.**): | **₹1.65 lakh & ₹4.20 lakh (Approx.)** |
| 3 | Period of Completion : | **Mentioned against NIT Table Col.06** |
| 4 | Date & Time of availability of Bid documents in the Portal : | **24/10/2024 at 11:30 Hrs.** |
| 5 | Last date & time for receipt of Bids in the Portal : | **07/11/2024 at 17:00 Hrs.** |
| 6 | Date of Opening of Tender : | **08/11/2024 at 11:30 Hrs.** |
| 7 | Name and address of the Officer Inviting Bid : | **Superintending Engineer, Rural Works Division, Jagatsinghpur** |

Further details can be seen from the Government website:www.tendersorissa.gov.in

Sd/- Superintending Engineer
Rural Works Division, Jagatsinghpur

OIPR-25056/11/0004/2425


## ଓଡ଼ିଶା ସରକାର ଏବଂ ଏଫ୍ଏଓ ଜିଇଏଫ୍ ଫୋଲୁର କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ), ମିଳିତ ଜାତିସଂଘର ମିଳିତ ସହଯୋଗରେ ଗ୍ଲୋବାଲ ଏନଭାୟାରମେଣ୍ଟ ଫାସିଲିଟି (ଜିଇଏଫ୍)-୭ ପ୍ରକଳ୍ପ, ଓଡ଼ିଶା ଦ୍ୱାରା ଏକ ଦିନିକିଆ ରାଜ୍ୟ ଉଦ୍‌ଘାଟନୀ କର୍ମଶାଳା ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଶୀର୍ଷକ 'ପଞ୍ଜାବ, ହରିୟାଣା, ଓଡ଼ିଶା ଏବଂ ଛତିଶଗଡ଼ରେ ଧାନ-ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର' ରହିଛି ।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଇଏଫ୍ ଅନୁଦାନପ୍ରାପ୍ତ ପ୍ରକଳ୍ପ ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରାଥମିକତା ମଧ୍ୟରେ ସୁଦୃଢ଼ ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଓ ରଣନୀତି ଏକ ସ୍ଥାୟୀ, ଅଧିକ ସହନଶୀଳ ଏବଂ ଖାଦ୍ୟ ଓ ପୋଷଣ ସୁରକ୍ଷିତ ଭବିଷ୍ୟତ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ଘନିଷ୍ଠ ଭାବେ ମେଳ ଖାଉଛି ବୋଲି ସେ ଉଲ୍ଲେଖ କରିଥିଲେ।

ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ, ଭାରତର ପ୍ରତିନିଧି ଟାକାୟୁକି ହାଗିୱାରା ଏହି ପ୍ରକଳ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ ପରିବେଶଭିତ୍ତିକ ସେବା ଏବଂ ବିଶ୍ୱ ପରିବେଶ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ପାଇଁ ମିଳିତ ଭାବରେ ପରିଚାଳିତ ସ୍ଥାୟୀ ଚାଷ ଅଭ୍ୟାସକୁ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ସଫଳ ରୂପାୟନ ସହିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ଓଡ଼ିଶା ସରକାରଙ୍କ ସହ ଖାଦ୍ୟ ଓ କୃଷି ସଂଗଠନର ଘନିଷ୍ଠ ସମନ୍ୱୟ ପାଇଁ ସେ ସମସ୍ତଙ୍କୁ ଆଶ୍ୱାସନା ଦେଇଥିଲେ। ଜାତୀୟ ପ୍ରକଳ୍ପ ସଂଯୋଜକ ସଞ୍ଜୟ ସେଠୀ, ଧାନ - ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର ସମ୍ବନ୍ଧୀୟ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ପ୍ରକଳ୍ପ 'ଖାଦ୍ୟ ପ୍ରଣାଳୀ, ଜମି ବ୍ୟବହାର ଓ ପୁନରୁଦ୍ଧାର (ଫୋଲୁର) ଇମ୍ପାକଟ, ଭାରତ କାର୍ଯ୍ୟକ୍ରମର ଏକ ଅଂଶ ଏବଂ ଚିରସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଭାରତରେ କୃଷି ପଦ୍ଧତିରେ ଉନ୍ନତି ଆଣିବା ପାଇଁ ସରକାରୀ ସଂସ୍ଥା ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ମିଳିତ ପ୍ରଚେଷ୍ଟାକୁ ପ୍ରଦର୍ଶିତ କରୁଛି।

ଓଡ଼ିଶାରେ ଚିରସ୍ଥାୟୀ କୃଷି (ଧାନ ଚାଷ)କୁ ପ୍ରୋତ୍ସାହିତ କରିବା, ମୃତ୍ତିକା ଓ ଜଳସମ୍ପଦର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ଏବଂ ବଜାର ଓ ପ୍ରଯୁକ୍ତିବିଦ୍ୟା ସୁବିଧା ସହଜରେ କୃଷକଙ୍କୁ ଉପଲବ୍ଧ କରାଇବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶାର ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଅନୁଷ୍ଠାନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଖାଦ୍ୟ ଓ କୃଷି ସଂଗଠନର ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରାୟ ୧୦୦ ଜଣ ଅଧିକାରୀ ଯୋଗ ଦେଇଥିଲେ। ରାଜ୍ୟରେ ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କର୍ମଶାଳାର ପ୍ରାଥମିକ ଲକ୍ଷ୍ୟ ରହିଛି ।

ଅନ୍ୟାନ୍ୟ ରାଜ୍ୟସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶଯୋଗ୍ୟ ଯେ, ୫ ବର୍ଷିଆ ଅବଧି (୨୦୨୩-୨୦୨୮) ବିଶିଷ୍ଟ ଏହି ଜିଇଏଫ୍ ୭ ଫୋଲୁର ଇମ୍ପାକଟ ପ୍ରୋଗ୍ରାମ ଚିରସ୍ଥାୟୀ କୃଷି ନିମନ୍ତେ ଏକ ନୂତନ ମଡେଲ ଭାବରେ ଭାରତରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ, ସୁସ୍ଥ ପରିସଂସ୍ଥାନ ଓ ପରିବେଶ ନିମନ୍ତେ ପ୍ରୋତ୍ସାହିତ କରିବା ଏବଂ ଏକାଧିକ ବିଶ୍ୱ ପରିବେଶର ସୁଫଳ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ସମଗ୍ର ଖାଦ୍ୟ ପ୍ରଣାଳୀ ପାଇଁ ଅଭିନବ ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯାହା କୃଷକମାନଙ୍କୁ ସେମାନଙ୍କ ଚାଷ ଏବଂ ଜୀବିକା ପ୍ରଣାଳୀକୁ ସ୍ଥାୟୀ, ସ୍ଥିର ଏବଂ ପରିବେଶ ପାଇଁ ଅନୁକୂଳ ଭିତ୍ତିକ ପରିଚାଳନା କରିବା ନିମନ୍ତେ ସଶକ୍ତ କରିବ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଇଏଫ୍ ଏବଂ ସିସି) ଏହି ପ୍ରକଳ୍ପ ପାଇଁ ପ୍ରମୁଖ କାର୍ଯ୍ୟକାରୀ ସଂସ୍ଥା ଅଟନ୍ତି। କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ (ଏମଓଏ ଏବଂ ଏଫଡବ୍ଲ୍ୟୁ), ଭାରତ ସରକାର କାର୍ଯ୍ୟନିର୍ବାହୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଅଛନ୍ତି। ଖାଦ୍ୟ ଏବଂ କୃଷି ଅନୁଷ୍ଠାନ (ଏଫ୍ଏଓ) କାର୍ଯ୍ୟକାରୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶା, ଛତିଶଗଡ଼, ହରିୟାଣା ଏବଂ ପଞ୍ଜାବ ଭଳି ଚାରୋଟି ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ କାର୍ଯ୍ୟକାରୀ ଅଂଶୀଦାର ଅଟନ୍ତି।

ଓଡ଼ିଶା

ଭୁବନେଶ୍ୱର
୨୪ ଅକ୍ଟୋବର
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

## ବାତ୍ୟା ପରିଚାଳନା ପାଇଁ ପୁରୀରେ ବରିଷ୍ଠ ଆଇଏଏସ ବଲୱନ୍ତ ସିଂ

# ୨୪ ଓ ୨୫ରେ ଭକ୍ତ ଓ ହବିଷ୍ୟାଳୀଙ୍କୁ ଜଗା ଦର୍ଶନ ମନା

**ପୁରୀ ୨୩/୧୦ ନ୍ୟୁଜ ବ୍ୟୁରୋ**

ବାତ୍ୟା ପରିଚାଳନା ପାଇଁ ପୁରୀରେ ପହଞ୍ଚିଲେ ବରିଷ୍ଠ ଆଇଏଏସ ବଲୱନ୍ତ ସିଂ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ପହଞ୍ଚି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି ବଲୱନ୍ତ ସିଂ। ସମ୍ଭାବ୍ୟ ବାତ୍ୟାର ପ୍ରଭାବ ପୁରୀରେ ସେତେ ମାତ୍ରାରେ ପଡିବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମୀକ୍ଷା କରାଯାଉଛି। ଜିଲ୍ଲା ପ୍ରଶାସନ ସମସ୍ତ ଜାଗାକୁ ଚିହ୍ନଟ କରିଛି। ବିଶେଷ କରି ବାତ୍ୟା ସମୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ଆବଶ୍ୟକ ପଡିଲେ ସ୍ଥାନାନ୍ତରଣ କରାଯିବ। ବାତ୍ୟାକୁ ନେଇ ପ୍ରଶାସନ ଓ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତ ଅଛନ୍ତି। ବାତ୍ୟା ପରିଚାଳନା ପାଇଁ ପୁରୀ ଦାୟିତ୍ୱରେ ଆସିଥିବା ପର୍ଯ୍ୟଟନ ବିଭାଗର ସଚିବ ବଲୱନ୍ତ ସିଂ ସୂଚନା ଦେଇଛନ୍ତି। ସେହିପରି ସମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ସରକାରଙ୍କ





ପକ୍ଷରୁ ପୁରୀ ଜିଲ୍ଲାକୁ ସତର୍କ ସୂଚନା ଆସିଛି। ବାତ୍ୟା ସମୟରେ ୬୦ ରୁ ୯୦ କିମି ପବନର ବେଗ ବହିବାର ଆଶଂକା ରହିଛି। ତେଣୁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ନେଇ ସମସ୍ତ ପ୍ରସ୍ତୁତି କରାଯାଇଛି। ଜିଲ୍ଲାରେ ଥିବା ୧୭୯ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ବିଭିନ୍ନ କଲେଜ ଏବଂ ସ୍କୁଲକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ସେହିପରି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ଓଡ୍ରାଫ ଓ ଦୁଇଟି ଏନଡିଆରଏଫ ଟିମ୍ ପୁରୀରେ ପହଞ୍ଚିଛନ୍ତି। ତେବେ ଓଡ୍ରାଫ ଟିମ୍‌କୁ ୬ଟି ଭାଗରେ ବିଭକ୍ତ କରାଯାଇଥିବା ବେଳେ ପିପିଲି, କୋଣାର୍କ, ଅସ୍ତରଙ୍ଗ ଏବଂ କାକଟପୁରରେ ଏହି ଟିମ୍ କୁ ମୁତୟନ କରାଯାଇଛି। ଏଥିସହ ଓଡ୍ରାଫର ଦୁଇଟି ଟିମ୍‌କୁ ହେଡ୍ କ୍ୱାର୍ଟରରେ ରଖାଯାଇଛି। ସେହିପରି ଏନଡିଆରଏଫ ଟିମ୍‌କୁ କୃଷ୍ଣପ୍ରସାଦରେ ମୁତୟନ କରାଯାଇଛି। ୮୦୫୬ ଗର୍ଭବତୀ ମହିଳା ମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ନେଇ ବ୍ୟବସ୍ଥା କରାଯାଇଛି। ଅଗ୍ନିଶମ ବିଭାଗ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ବାତ୍ୟା ମୁକାବିଲା ନେଇ ଜିଲ୍ଲାରେ ଥିବା ସମସ୍ତ ବ୍ଲକରେ ବରିଷ୍ଠ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସମସ୍ତ ବିଭାଗ ସହ ସମନ୍ୱୟ ରଖାଯାଇଛି। ବିଦ୍ୟୁତ ବିଭାଗ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ମୋବାଇଲ୍ ମେଡିକାଲ୍ ଟିମ୍ ପ୍ରସ୍ତୁତ ଅଛନ୍ତି। ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକ ମାନଙ୍କୁ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ହବିଷ୍ୟାଳୀ ରହଣୀ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୨୪ ଓ ୨୫ ତାରିଖରେ ହବିଷ୍ୟାଳୀଙ୍କ ଦର୍ଶନ ବନ୍ଦ ରହିବ। ପ୍ରବଳ ବର୍ଷା ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ନ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯିବ। ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ପ୍ରଭାବ ନପଡେ ସେନେଇ ସେବାୟତଙ୍କ ସହ ଆଲୋଚନା କରାଯାଇଥିବା ବେଳେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ।

## ବାତ୍ୟା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ନିଷ୍ପତ୍ତି

# ଦୁଇ ଦିନ ବନ୍ଦ ରହିବ କୋଣାର୍କ ସୂର୍ଯ୍ୟ ମନ୍ଦିର

**ଭୁବନେଶ୍ୱର ୨୩।୧୦ ନ୍ୟୁଜ ବ୍ୟୁରୋ**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ବାତ୍ୟା 'ଦାନା'। ସ୍ଥଳଭାଗ ଛୁଇଁଛି ବାତ୍ୟାର ବାହ୍ୟ ବଳୟ । ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳରେ ବାତ୍ୟାର ବାହ୍ୟ ବଳୟ ସ୍ପର୍ଶ କରିଛି। ୨୪ ରାତିରୁ ୨୫ ପୂର୍ବାହ୍ନ ଯାଏଁ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଚାଲିବ ବୋଲି ଆଇଏମ୍‌ଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଦୁଇ ଦିନ ବନ୍ଦ କରାଯାଇଛି। ଆସନ୍ତା ୨୪ ଓ ୨୫ ତାରିଖରେ ବନ୍ଦ ରହିବ ସୂର୍ଯ୍ୟମନ୍ଦିର। ଏଏସଆଇ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ସୂଚନା ଦେଇଛନ୍ତି। ବାତ୍ୟା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ନିଆଗଲା ନିଷ୍ପତ୍ତି। ଅର୍ଥାତ ଆସନ୍ତା ଗୁରୁବାର ଏବଂ ଶୁକ୍ରବାର ସୂର୍ଯ୍ୟମନ୍ଦିର, କୋଣାର୍କ ମ୍ୟୁଜିୟମ ବନ୍ଦ ରହିବ । ଏଥିସହିତ ଅନଲାଇନ ଟିକେଟ ମଧ୍ୟ ବନ୍ଦ କରାଯାଇଛି। ୩ ଦିନ ପର୍ଯ୍ୟନ୍ତ କୋଣାର୍କ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କୁ କୋଣାର୍କ ଓ ଚନ୍ଦ୍ରଭାଗାରେ ରହିବାକୁ ବାରଣ କରିଛି ପ୍ରଶାସନ। ସେପଟେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବନ୍ଦ ରଖାଯାଇଛି। ଆସନ୍ତା ୨୪ ଓ ୨୫ ତାରିଖରେ ବନ୍ଦ ରହିବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ। ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ନନ୍ଦନକାନନ ବନ୍ଦ ରହିବ ବୋଲି ପ୍ରାଣୀଉଦ୍ୟାନ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇ ଦିନ ପାଇଁ ବନ୍ଦ ରହିବ ନନ୍ଦନକାନନ।

# ବାତ୍ୟା ପାଇଁ ଘର ଛାଡି ରିଲିଫ କେନ୍ଦ୍ରକୁ ଚାଲି ଆସିବାକୁ ଲୋକଙ୍କୁ ଅନୁରୋଧ କଲେ ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର, ୨୩।୧୦ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ଝିପ ଝିପ୍ ବର୍ଷା ଆରମ୍ଭ ହୋଇଗଲାଣି । ସନ୍ଧ୍ୟାକୁ ବର୍ଷା ବଢିବ। ଶେଷ ଆକଳନ ସୁଦ୍ଧା ପୂର୍ବ ପ୍ରସ୍ତୁତି ହୋଇଛି। ବିଭିନ୍ନ ବିଭାଗର ଭୂମିକା ଥାଏ। ରାଜସ୍ୱ ବିଭାଗର କଣ୍ଟ୍ରୋଲ ରୁମ୍ ସହ ଭିନ୍ନ ଭିନ୍ନ ବିଭାଗ ମଧ୍ୟ ନିଜସ୍ୱ କଣ୍ଟ୍ରୋଲ ରୁମ୍ ରହିବ । କୃଷି, ଶକ୍ତି, ଯୋଗାଣ , ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ବିଭାଗର କଣ୍ଟ୍ରୋଲ ରୁମ୍ ହୋଇଛି। ଅସୁବିଧାରେ ଥିବା ଲୋକ ଯେଉଁ ବିଭାଗର ସହାୟତା ଚାହିଁବେ ଅଧିକାରୀମାନେ ସହାୟତା ଯୋଗାଇବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି କହିଛନ୍ତି। ମନ୍ତ୍ରୀମାନଙ୍କୁ ପ୍ରଭାବିତ ଜିଲ୍ଲା ଗୁଡ଼ିକର ଦାୟିତ୍ୱ ଦିଆଯାଇଛି। ଅଫିସର ମାନଙ୍କୁ ମଧ୍ୟ ଦାୟିତ୍ୱ ବଣ୍ଟା ଯାଇଛି। ସରକାରୀ ଅଧିକାରୀମାନେ ଗ୍ରାଉଣ୍ଡ ଜିରୋରେ ଅଛନ୍ତି। ସ୍ଥାନାନ୍ତରଣ ମଧ୍ୟ ଆରମ୍ଭ ହୋଇଯାଇଛି। ସନ୍ଧ୍ୟା ପୂର୍ବରୁ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରଣ କରାଯିବ। ରିଲିଫ କେନ୍ଦ୍ରରେ ସବୁ ସୁବିଧା ଯୋଗାଇ ଦିଆଯିବ। ଯେଉଁ ଜାଗାରେ ବାତ୍ୟା ପ୍ରଭାବ ରହିବ, ସେ ସବୁ ସ୍ଥାନରେ ଲୋକ ଘର ଛାଡ଼ି ରିଲିଫ କେନ୍ଦ୍ରକୁ ଆସିବାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ମନ୍ତ୍ରୀ ଅପିଲ କରିଛନ୍ତି । ଘର ନିରାପତ୍ତା ପାଇଁ ଗାଁରେ ପୋଲିସ ଦାୟିତ୍ୱରେ ରହିବେ। ଧାମରା ପାଖାପାଖି ଲ୍ୟାଣ୍ଡ ଫଲ୍ ହେବ। ଲୋକଙ୍କୁ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏନଡିଆରଏଫ୍, ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଯାଇଛନ୍ତି। ଏ ପରିସ୍ଥିତିରେ ଫାଇଦା ଉଠାଇବାକୁ କେହି ଉଦ୍ୟମ ନକରିବା ପାଇଁ ଚେତାବନୀ ଦେଲେ ମନ୍ତ୍ରୀ। ଯୋଗାଣ ବିଭାଗ ଅଧିକାରୀ ମାନେ ତୀକ୍ଷଣ ନଜର ରଖିଛନ୍ତି । ଯିଏ ଫାଇଦା ଉଠାଇବାକୁ ଚେଷ୍ଟା କରିବ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାତ୍ୟା ଗଲା ପରେ କ୍ଷୟକ୍ଷତି ଆକଳନ କରିବେ। ଚାଷ ଫସଲ, ଘର ଭଙ୍ଗା ଓ ଥଇଥାନ ପର୍ଯ୍ୟନ୍ତ ତଦାରଖ କରିବେ।

## ୩୪ ବର୍ଷର ପୁରୁଣା ରାୟ ଖାରଜ କଲେ ସୁପ୍ରିମକୋର୍ଟ

# ରାଜ୍ୟର ରହିଛି ମଦ ଉପରେ ଆଇନ ପ୍ରଣୟନ ଅଧିକାର

**ନୂଆଦିଲ୍ଲୀ, ୨୩/୧୦**

ସୁପ୍ରିମକୋର୍ଟ ଇଣ୍ଡଷ୍ଟ୍ରିୟାଲ୍ ଆଲକହଲକୁ ନେଇ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ମଦ ଉପରେ ଆଇନ ପ୍ରଣୟନ କରିବାର ଅଧିକାର ରାଜ୍ୟର ରହିଛି ଓ ଏହାକୁ ଛଡ଼ାଇ ନିଆଯାଇପାରିବ ନାହିଁ ବୋଲି କହି ସୁପ୍ରିମକୋର୍ଟ ୩୪ ବର୍ଷର ପୁରୁଣା ରାୟକୁ ଖାରଜ କରିଛନ୍ତି। ସିନ୍ଥେଟିକ୍ସ ଓ କେମିକାଲ୍ସ ମାମଲାରେ ୧୯୯୦ ମସିହାରେ ୭ ଜଣିଆ ସାମ୍ବିଧାନିକ ବେଞ୍ଚ କେନ୍ଦ୍ର ସପକ୍ଷରେ ଯେଉଁ ରାୟ ଶୁଣାଇଥିଲେ, ତାହାକୁ ବୁଧବାର ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୮:୧ ସଂଖ୍ୟାଗରିଷ୍ଠତାରେ ରଦ୍ଦ କରିଦେଇଛି। ଏହି ମାମଲାର ପୂର୍ବ ଶୁଣାଣି ଚଳିତବର୍ଷ ଏପ୍ରିଲ ୧୮ ତାରିଖରେ ହୋଇଥିଲା।



ସେହି ସମୟରେ ସାମ୍ବିଧାନିକ ଖଣ୍ଡପୀଠ ଏହାର ନିଷ୍ପତ୍ତି ସଂରକ୍ଷିତ ରଖିଥିଲା। ଏଥର ୬ ଦିନର ମାରାଥନ ଶୁଣାଣି ପରେ ବୁଧବାର ଖଣ୍ଡପୀଠ ଏହାର ରାୟ ଶୁଣାଇଛନ୍ତି। ଏହି ନିଷ୍ପତ୍ତି ଦେଇଥିବା ବେଞ୍ଚରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ସମେତ ଜଷ୍ଟିସ୍ ହୃଷିକେଶ ରାୟ, ଜଷ୍ଟିସ୍ ଅଭୟ ଏସ୍ ଓକ୍, ଜଷ୍ଟିସ୍ ବି.ଭି ନାଗରତ୍ନା, ଜଷ୍ଟିସ୍ ଜେ.ବି ପାରଦୀୱାଲା, ଜଷ୍ଟିସ୍ ମନୋଜ ମିଶ୍ର, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ, ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହ ରହିଥିଲେ। କେବଳ ଜଷ୍ଟିସ୍ ବି.ଭି ନାଗରତ୍ନା ଭିନ୍ନମତ ବ୍ୟକ୍ତ କରିଥିଲେ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ବହୁମତ ନିଷ୍ପତ୍ତି ଶୁଣାଇଥିଲେ। ଆଜିର ଏହି ରାୟ ପ୍ରଦାନ କରି ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, 'ଇଣ୍ଡଷ୍ଟ୍ରିୟାଲ୍ ଆଲକୋହଲ ଉପରେ ଆଇନ ପ୍ରଣୟନ କରିବାର ଅଧିକାର ରାଜ୍ୟଠାରୁ ଛଡ଼ାଇ ନିଆଯାଇପାରିବ ନାହିଁ। ଇଣ୍ଡଷ୍ଟ୍ରିୟାଲ୍ ଆଲକହଲର ଉତ୍ପାଦନ ଏବଂ ଯୋଗାଣ ସଂପର୍କରେ ମଧ୍ୟ ନିୟମ ପ୍ରସ୍ତୁତ କରିବାର ଅଧିକାର ରାଜ୍ୟଗୁଡ଼ିକର ଅଛି।' ଏହି ନିଷ୍ପତ୍ତିରେ କୁହାଯାଇଛି ଯେ, ଗ୍ରାହକମାନେ ଖାଉଥିବା ମଦ ସହିତ ଜଡ଼ିତ ଆଇନଗତ କ୍ଷମତା ମଧ୍ୟ ରାଜ୍ୟଗୁଡ଼ିକର ରହିଛି। ଇଣ୍ଡଷ୍ଟ୍ରିୟାଲ ଆଲକୋହଲକୁ ମଧ୍ୟ ନିୟନ୍ତ୍ରଣ କରିବାର ଅଧିକାର ରାଜ୍ୟମାନଙ୍କର ରହିବା ଉଚିତ, କାରଣ ଏହା ମଧ୍ୟ ମଦ ପର୍ଯ୍ୟାୟଭୁକ୍ତ। ସୁପ୍ରିମକୋର୍ଟଙ୍କର ଏହି ଆଦେଶ ଅନୁସାରେ ସମସ୍ତ ରାଜ୍ୟ ବିଭିନ୍ନ ପ୍ରକାର ଆଲକୋହଲ ଅଥବା ମଦ ଉତ୍ପାଦନ ଓ ବିପଣନ ଉପରେ ନିୟନ୍ତ୍ରଣ ଜାରି କରିପାରିବେ।

## ପ୍ରଶାସନକୁ ପୂରା ସହଯୋଗ କରିବାକୁ ନବୀନଙ୍କ ନିବେଦନ

# ଲୋକଙ୍କ ସାହାଯ୍ୟ ପାଇଁ ଦୁଇଟି ହେଲ୍ପଲାଇନ୍ ନମ୍ବର ଜାରି କଲା ବିଜେଡି

**ଭୁବନେଶ୍ୱର, ୨୩/୧୦ ନ୍ୟୁଜ ବ୍ୟୁରୋ**



ବାତ୍ୟା ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ, ବାତ୍ୟା ଆସୁଥିବା ଖବର ପାଇ ଆମେ ସମସ୍ତେ ଚିନ୍ତିତ। ପୂର୍ବରୁ ଆମେ ସମସ୍ତେ ମିଶି ସଫଳତାର ସହ ଅନେକ ବାତ୍ୟାର ମୁକାବିଲା କରିଛେ। ଆମର ଏକ ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ନୀତି ଅଛି। ତେଣୁ ଆପଣମାନଙ୍କୁ ମୋର ଅନୁରୋଧ ବାତ୍ୟା ପାଇଁ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ। ନବୀନ କହିଛନ୍ତି ଯେ, ସବୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ମୋର ଅନୁରୋଧ, ଆପଣମାନେ ଏ ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ। ଲୋକଙ୍କୁ ସାହାଯ୍ୟ କରନ୍ତୁ। ମୋର ଦୃଢ଼ ବିଶ୍ୱାସ ଆମେ ସମସ୍ତେ ଏକାଠି ପୂର୍ବ ପରି ବାତ୍ୟା ଦାନାର ସଫଳ ମୁକାବିଲା କରିପାରିବା। ବାତ୍ୟା 'ଦାନା' ପାଇଁ ବିଜେଡିର ପ୍ରେସ୍ ମିଟ୍। ଲୋକଙ୍କ ସାହାଯ୍ୟ ପାଇଁ ଦୁଇଟି ହେଲ୍ପଲାଇନ୍ ନମ୍ବର ଜାରି କଲା ବିଜେଡି। କଲ୍ ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଶଙ୍ଖ ଭବନରେ ଲୋକ ରହିବେ। ଅସୁବିଧାରେ ଥିବା ଲୋକମାନେ ଏହି ଦୁଇଟି ୯୯୩୭୦୫୭୫୨୮, ୮୯୮୪୩୦୩୫୩୪ ଟୋଲ୍ ଫ୍ରି ନମ୍ବରରେ କଲ୍ କରି ସମସ୍ୟା ଜଣାଇପାରିବେ। ଲୋକ ଏବଂ ପ୍ରଶାସନକୁ ସହଯୋଗ କରିବାକୁ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସମସ୍ତ କର୍ମୀଙ୍କୁ ମିଳିମିଶି କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନବୀନ କହିଛନ୍ତି ଯେ, ବାତ୍ୟା ଆସୁଥିବା ଖବର ପାଇ ଆମେ ସମସ୍ତେ ଚିନ୍ତିତ। ପୂର୍ବରୁ ଆମେ ସମସ୍ତେ ମିଶି ସଫଳତାର ସହ ଅନେକ ବାତ୍ୟାର ମୁକାବିଲା କରିଛେ। ଆମର ଏକ ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ନୀତି ଅଛି। ତେଣୁ ଆପଣମାନଙ୍କୁ ମୋର ଅନୁରୋଧ ବାତ୍ୟା ପାଇଁ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ। ସଜାଗ ରୁହନ୍ତୁ। ଜୀବନ ଅମୂଲ୍ୟ। ନିରାପଦ ରୁହନ୍ତୁ। ବାତ୍ୟା ମୁକାବିଲାରେ ପ୍ରଶାସନକୁ ପୂରା ସହଯୋଗ ଦିଅନ୍ତୁ। ସବୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ମୋର ଅନୁରୋଧ, ଆପଣମାନେ ଏ ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ। ଲୋକଙ୍କୁ ସାହାଯ୍ୟ କରନ୍ତୁ। ମୋର ଦୃଢ଼ ବିଶ୍ୱାସ ଆମେ ସମସ୍ତେ ଏକାଠି ପୂର୍ବ ପରି ବାତ୍ୟା 'ଦାନା'ର ସଫଳ ମୁକାବିଲା କରିପାରିବା।

# ବାତ୍ୟା ଉପରେ ଶକ୍ତି ଓ କୃଷି ବିଭାଗ ନଜର ରଖିଛି, ସବୁ ପ୍ରକାର ବ୍ୟବସ୍ଥା ଚାଲିଛି : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୨୩।୧୦ ନ୍ୟୁଜ ବ୍ୟୁରୋ**



ଶକ୍ତି ଓ କୃଷି ବିଭାଗ ବାତ୍ୟା ଉପରେ ନଜର ରଖିଛି ବୋଲି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି । ଶକ୍ତି ବିଭାଗର ୩୩ ହଜାର କର୍ମଚାରୀଙ୍କୁ ଆମେ ଷ୍ଟାଣ୍ଡବାଏରେ ଗ୍ରାଉଣ୍ଡରେ ରଖିଛୁ । ତାର, ଟ୍ରାନ୍ସଫର୍ମର, କଣ୍ଡକ୍ଟର ସବୁର ବ୍ୟବସ୍ଥା ରଖା ଯାଇଛି। ସବୁ ପରିସ୍ଥିତିରେ ଆମେ ରେଷ୍ଟୋରେସନ କାମ ପାଇଁ ପଦକ୍ଷେପ ନିଆଯିବ । ପାଣି ଯୋଗାଣକୁ ତ୍ୱରିତ କରିବା ପାଇଁ ଜେନେରେଟର ମଧ୍ୟ ବ୍ୟବସ୍ଥା କରାଯାଇଛି । ଯାହା ଫଳରେ ଲୋକ ପାଣି ପାଇ ପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ବାତ୍ୟା 'ଦାନା' ୨୪ ତାରିଖରେ ଲ୍ୟାଣ୍ଡଫଲ୍ କରିବ ବୋଲି କୁହାଯାଉଛି । ସରକାର ତରଫରୁ ମନ୍ତ୍ରୀମାନଙ୍କୁ ମଧ୍ୟ ତଦାରଖ ପାଇଁ କୁହାଯାଇଛି । ସବୁ ସମୀକ୍ଷା ସରିଛି। ସବୁ ବ୍ୟବସ୍ଥା ଚାଲିଛି ବୋଲି କେ.ଭି. ସିଂଦେଓ କହିଛନ୍ତି।




# ଯୁଦ୍ଧ ନୁହେଁ, ଅଲୋଚନା : ଦୁଇଟି ଶବ୍ଦରେ ରୁଷ ସମେତ ସାରା ବିଶ୍ୱକୁ ଶାନ୍ତି ସନ୍ଦେଶ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୩/୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷର କଜାନରେ ବ୍ରିକ୍ସ ଶିଖର ସମ୍ମିଳନୀକୁ ସମ୍ବୋଧନ କରିଛନ୍ତି । ସମ୍ମିଳନୀକୁ ସମ୍ବୋଧନ କରି ଆତଙ୍କବାଦ, ଜଳବାୟୁ ପରିବର୍ତ୍ତନ ଏବଂ ବୈଶ୍ୱିକ ଆହ୍ୱାନ ଉପରେ ଶ୍ରୀ ମୋଦି ଚିନ୍ତା ବ୍ୟକ୍ତ କରିଛନ୍ତି । ଶ୍ରୀ ମୋଦି କହିଛନ୍ତି ଯେ ଆଜି ଦୁନିଆ ଯୁଦ୍ଧ, ଆର୍ଥିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ପରି ଅନେକ ଆହ୍ୱାନ ସାମନା କରୁଛି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଆମର ଏହି ବୈଠକ ଏପରି ସମୟରେ ହେଉଛି, ଯେତେବେଳେ ସାରା ଦୁନିଆ ଯୁଦ୍ଧ, ଆର୍ଥିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦର ସାମ୍ନା କରୁଛି । ଦୁନିଆରେ ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ବିଭାଜନର କଥା ଉଠୁଛି ଏବଂ ପ୍ରଯୁକ୍ତିର ଯୁଗରେ



ସାଇବର ସୁରକ୍ଷା, ଡିପ୍ ଫେକ୍, ଗୁଜବ ପରି ନୂଆ ଆହ୍ୱାନ ମଧ୍ୟ ସାମ୍ନାରେ ରହିଛି ।' ଶ୍ରୀ ମୋଦି ଜୋର ଦେଇ କହିଛନ୍ତି ଯେ ଏହି ସବୁ ଆହ୍ୱାନର ସାମ୍ନା କରିବା ପାଇଁ ବ୍ରିକ୍ସ ରଚନାତ୍ମକ ଭୂମିକା ଗ୍ରହଣ କରିବା ଦରକାର । ସାରା ଦୁନିଆ ବ୍ରିକ୍ସକୁ ଏକ ଜନକଲ୍ୟାଣକାରୀ ସଂଗଠନ ରୂପେ ଦେଖୁ, ବିଭାଜନକାରୀ ଶକ୍ତି ରୂପେ ନୁହେଁ । ଆମେ ଆଜି ଯେଉଁ ସ୍ଥିତିରେ ଅଛୁ, ସେଥିରେ ବ୍ରିକ୍ସଠାରୁ ଅଧିକ ଆଶା ରହିଛି । ମୋ ମତରେ ବିବିଧ ଏବଂ ସମାବେଶୀ ମଞ୍ଚ ରୂପେ ବ୍ରିକ୍ସ ସବୁ ପ୍ରସଙ୍ଗରେ ସକାରାତ୍ମକ ଭୂମିକା ଗ୍ରହଣ କରିପାରିବ । ଆମର ଦୃଷ୍ଟିକୋଣ ଜନ-କୈନ୍ଦ୍ରିକ ରହିବା ଦରକାର । ଏହାସହ ପ୍ରଧାନମନ୍ତ୍ରୀ ମୋଦି ଶାନ୍ତି ଏବଂ କୂଟନୀତିର ମହତ୍ୱ ଉପରେ ଜୋର ଦେଇଛନ୍ତି । ସେ କହିଛନ୍ତି, 'ବ୍ରିକ୍ସ ଦେଶ ଏକ ସୁରକ୍ଷିତ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ମିଶି କାମ କରିବା ଦରକାର। ଆମେ କଥାବର୍ତ୍ତା ଏବଂ କୂଟନୀତିର ସମର୍ଥନ କରୁଛୁ, ଯୁଦ୍ଧର ନୁହେଁ। ଯେପରି ଆମେ ସମସ୍ତେ ମିଳିମିଶି କରୋନା ପରି ମହାମାରୀକୁ ହରାଇଲୁ, ସେହିପରି ଆମେ ଆଗାମୀ ପିଢି ପାଇଁ ସୁରକ୍ଷିତ, ମଜଭୁତ ଏବଂ ସମୃଦ୍ଧ ଭବିଷ୍ୟତ ଲାଗି ନୂଆ ସୁଯୋଗ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ସକ୍ଷମ ଅଛୁ। ସେହିପରି ସାଇବର ସୁରକ୍ଷା, ସୁରକ୍ଷିତ ଏବଂ ବିଶ୍ୱାସଯୋଗ୍ୟ ଏଆଇ ପାଇଁ ବୈଶ୍ୱିକ ନିୟମକୁ ଆମେ ସମସ୍ତେ ପାଳନ କରିବା ଦରକାର ।' ଏହାସହ ନୂଆ ରାଷ୍ଟ୍ରଙ୍କୁ ସଂଗଠନରେ ସାମିଲ କରିବା ଉପରେ ମଧ୍ୟ ଶ୍ରୀ ମୋଦି ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, 'ଭାରତ ନୂଆ ଦେଶଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ଅଛି। କିନ୍ତୁ ସବୁ ନିଷ୍ପତ୍ତି ସର୍ବସମ୍ମତିରେ ନିଆଯିବା ଏବଂ ପ୍ରତିଷ୍ଠାତା ସଦସ୍ୟଙ୍କ ବିଚାରର ସମ୍ମାନ କରାଯିବା ଦରକାର ।'

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ସହକାରୀ ଆରଆଇ



**ସୁବର୍ଣ୍ଣପୁର, ୨୩/୧୦ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକା ତହସିଲ ଅଧୀନ ସିନ୍ଦୁରପୁର ରେଭିନ୍ୟୁ ସର୍କଲରେ ଆରଆଇ ବା ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକ (ଆସିଷ୍ଟାଣ୍ଟ ଆରଆଇ) ବିବେକାନନ୍ଦ ତ୍ରିପାଠୀ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜଣେ ବ୍ୟକ୍ତିଙ୍କ ଜମିର କିସମ ପରିବର୍ତ୍ତନ କରିଦେବା ପାଇଁ ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସଂପୃକ୍ତ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ବୁଧବାର ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ବାବଦକୁ ଦିଆଯାଇଥିବା ସମସ୍ତ ୨୦ ହଜାର ଟଙ୍କା ମିଳିଥିଲା। ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ବାତ୍ୟା ପାଇଁ ରାଜ୍ୟ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବାତିଲ : ଜାରି ହେଲା ହେଲ୍ପ ଲାଇନ ନମ୍ବର

**ଭୁବନେଶ୍ୱର, ୨୩/୧୦ ନ୍ୟୁଜ ବ୍ୟୁରୋ**

ମାଡ଼ି ଆସୁଛି ଭୟଙ୍କର ବାତ୍ୟା 'ଦାନା'। ସେଥିପାଇଁ ରାଜ୍ୟ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଏହି ଜଟିଳ ସ୍ଥିତିରେ ସମସ୍ତଙ୍କୁ ଦୃଢତାର ସହ ସାମ୍ନା କରିବାକୁ ଅନୁରୋଧ କରିଛନ୍ତି ରାଜ୍ୟ ସଭାପତି ମନ ମୋହନ ସାମଲ। ବାତ୍ୟା ପାଇଁ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଲୋକଙ୍କ ସେବା ପାଇଁ ସମସ୍ତ ବିଧାୟକ, ସାଂସଦ, କାର୍ଯ୍ୟକର୍ତ୍ତା ଆଗେଇ ଆସିବେ। ଦଳ, ମତ ନିର୍ବିଶେଷରେ ସମସ୍ତେ ଏହି ବିପର୍ଯ୍ୟୟକୁ ମୁକାବିଲା କରିବାକୁ ଆଗେଇ ଆସନ୍ତୁ ବୋଲି ଅନୁରୋଧ କଲେ ରାଜ୍ୟ ସଭାପତି। କେବଳ ସେତିକି ନୁହେଁ, ବିଜେପି ଏକ ହେଲ୍ପ ଲାଇନ ନମ୍ବର ମଧ୍ୟ ଜାରି କରିଛି। ଯଦି କୌଣସି ବ୍ୟକ୍ତି ବାତ୍ୟା ସମୟରେ କିମ୍ବା ବାତ୍ୟା ହେବାର ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥାନ୍ତି, ତେବେ ଏହି ହେଲ୍ପ ଲାଇନ ନମ୍ବରରେ କଲ୍ କରି ସାହାଯ୍ୟ ପାଇ ପାରିବେ ବୋଲି ଏକ ସାମ୍ବାଦିକ ସମ୍ମୀଳନୀରେ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ।